## ସଡ଼କ ସୁରକ୍ଷା ସଚେତନତା

**କଟକ ଅଫିସ:** ନୟାସଡ଼କସ୍ଥିତ ଇମର୍ଜା ଦେବୀ ମହିଳା ମହାବିଦ୍ୟାଳୟ, ୟୁଥ୍ ରେଡକ୍ରସ୍ ଏବଂ ଏନ୍‌ଏସ୍‌ଏସ୍ ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ବୁଧବାର ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅଧକ୍ଷ ଡ. ଅବଦୁଲ ଉସ୍‌ମାନ ଖାନ୍ ଶୋଭାଯାତ୍ରାକୁ ଉଦ୍‌ଘାଟନ କରି ଛାତ୍ରୀମାନଙ୍କୁ ମାସ୍କ ବଣ୍ଟନ କରିଥିଲେ। ଶୋଭାଯାତ୍ରା ମହାବିଦ୍ୟାଳୟରୁ ବାହାରି ସନ୍‌ସାଇନ ପଡିଆରେ ପହଞ୍ଚିଥିଲା। ଛାତ୍ରୀମାନେ ଲୋକଙ୍କୁ ଲିଫ୍‌ଲେଟ୍ ଓ ଗୋଲାପ ଫୁଲ ଦେଇ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ୟୁଥ୍ ରେଡକ୍ରସ କାଉନସେଲର ସୁମିତା ଆଚାର୍ଯ୍ୟ ଓ ମଞ୍ଜୁସ୍ମିତା ବିଶ୍ୱାଳ, ଏନ୍‌ଏସ୍‌ଏସ୍ ୟୁନିଟ୍ ପ୍ରୋଗ୍ରାମ ଅଫିସର ପ୍ରଜ୍ଞାଶ୍ରୀ ଆଚାର୍ଯ୍ୟ ଓ ଛନ୍ଦା ପଲେଇ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ନିଖୋଜ ଯୁବକଙ୍କ ମୃତଦେହ ଜବତ

**ବାରଙ୍ଗ,୧୭।୨(ଡି.ଏନ୍.ଏ.):**କାଠଯୋଡ଼ି ନଦୀରେ ବୁଡ଼ି ସୋମବାର ନିଖୋଜ ହୋଇଥିବା ଯୁବକଙ୍କ ମୃତଦେହ ବୁଧବାର ସନ୍ଧ୍ୟାରେ ଜବତ ହୋଇଛି। ମୃତ ଯୁବକଙ୍କ ପରିଚୟ ମିଳିପାରି ନ ଥିବାବେଳେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ବୁଧବାର କେତେଜଣ ଯୁବକ ଦ୍ୱିପ୍ରହରରେ ବ୍ରାହ୍ମଣିଗାଁ ତୁଠରେ ଗାଧୋଉଥିଲେ। ଏହି ସମୟରେ ନଦୀରେ କେହି ଭାସୁଥିବାର ଦେଖି ସେମାନେ ଡଙ୍ଗା ନେଇ ପାଖକୁ ଯାଇଥିବାବେଳେ ଜଣେ ଯୁବକଙ୍କ ମୃତଦେହ ଦେଖି ବାରଙ୍ଗ ଦମକଳ ବାହିନୀକୁ ଖବର ଦେବାପରେ ସେମାନେ ଆସି ଉଦ୍ଧାର କରିଥିଲେ। ଖବରପାଇ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି। ସୋମବାର ଅପରାହ୍ନ ୩ଟାରେ ସିଡିଏ ପଟରୁ ଜଣେ ଯୁବକ ବାଲିରେ ଚାଲିଚାଲି ଆସି ବ୍ରାହ୍ମଣିଗାଁ ପାଖ କାଠଯୋଡି ନଦୀରେ ପଶିଥିଲେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ବାହାରି ନ ଥିଲେ। ବ୍ରାହ୍ମଣିଗାଁ ପଟେ ଗାଧୋଉଥିବା କେତେଜଣ ଲାକେ ଏହା ଦେଖି ବାରଙ୍ଗ ଦମକଳ ବାହିନୀକୁ ଜଣାଇଥିଲେ। ଦମକଳବାହିନୀର କର୍ମଚାରୀମାନେ ଆସି ନଦୀରେ ଖୋଜାଖୋଜି କରି ସନ୍ଧ୍ୟାହେବାରୁ ନିରାଶ ହୋଇ ଫେରିଥିଲେ।

### ୧୦ମ ଶ୍ରେଣୀ ଛାତ୍ରୀ ଅପହରଣ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୧୭।୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲି ଥାନା ଅଞ୍ଚଳରୁ ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରି ନିଆଯାଇଥିବା ନେଇ ତାଙ୍କ ବାପା ବୁଧବାର ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ ନଂ. ୨୦/୨୧ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଆଇଆଇସି ଶୁଭ୍ରାଂଶୁ ଶେଖର ପରିଡା କହିଛନ୍ତି। ଛାତ୍ରୀ ଜଣକ ସ୍ଥାନୀୟ ଏକ ବିଦ୍ୟାପୀଠରେ ୧୦ମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ମଙ୍ଗଳବାର ଛାତ୍ରୀଙ୍କୁ କେତେଜଣ ବ୍ୟକ୍ତି ଅପହରଣ କରିନେଇଥିବା ଚର୍ଚ୍ଚା ହେଉଥିବାବେଳେ ବୁଧବାର ଥାନାରେ ଅଭିଯୋଗ କରାଯାଇଛି।

### କୃଷିରଥ ପରିକ୍ରମାର ଉଦ୍‌ଘାଟନ

**କଟକ ସଦର,୧୭।୨(ଡି.ଏନ୍.ଏ.):** କଟକ ସଦର ବ୍ଲକ ଆତ୍ମା ସୌଜନ୍ୟରେ ବୁଧବାର କୃଷିରଥ ପରିକ୍ରମାର ଉଦ୍‌ଘାଟନ କଟକସଦର ବିଧାୟକ ଚନ୍ଦ୍ରସାରଥି ବେହେରାଙ୍କ ଦ୍ୱାରା ହୋଇଯାଇଛି। ଏହି ରଥ ବ୍ଲକର ୨୩ଟି ପଞ୍ଚାୟତରେ ପରିକ୍ରମା କରି ବିହନ ବିଶୋଧନ ଓ ମୃତ୍ତିକା ପରୀକ୍ଷା କରିବାକୁ ଚାଷୀମାନଙ୍କୁ ସଚେତନ କରିବ। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଆତ୍ମା ସଂଘର ସଭାପତି ରଜନୀକାନ୍ତ ସାହୁ, କଟକ ଜିଲା ମୁଖ୍ୟ କୃଷି ଅଧିକାରୀ ମୋହନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହାପରେ ଆତ୍ମା ସମ୍ମିଳନୀ କକ୍ଷରେ ୨୦୨୧-୨୦୨୨ ମସିହାର କୃଷି ଓ କୃଷକ ସଶକ୍ତୀକରଣ ବିଭା ଗ ଦ୍ୱାରା ପ୍ରଣୀତ କୃଷି ନୀତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାବ୍ୟତୀତ ବିଧାୟକ ବେହେରା ବ୍ଲକର ୪୭୮ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ଦିଆଯାଇଥିଲା। ଏଥିରେ ବିଡିଓ ରାଜୀବ ଲୋଚନ ପରିଡ଼ା, ସାମାଜିକ ସୁରକ୍ଷା ଅଧିକାରୀ ପ୍ରସନ୍ନ ମଲ୍ଲ, ଅତିରିକ୍ତ ବିଡିଓ ଗିରିଜାଶଙ୍କର ବାରିକ, ଉପାଧକ୍ଷ ବିଭୂତି ଭୂଷଣ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

### କ୍ରିକେଟ୍: ବିଏମ୍‌ସି ଗୋଲକୁଣ୍ଡା ବିଜୟୀ

**ଚୌଦ୍ୱାର,୧୭।୨(ଡି.ଏନ୍.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଶଙ୍କରପୁରରେ ଚାଲିଥିବା ରାଜ୍ୟସ୍ତରୀୟ ୧୦ମ ବିଜୁ ପଟ୍ଟନାୟକ କପ୍ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ଦିନରେ ଯାଜପୁରର ବିଏମସି ଗୋଲକୁଣ୍ଡା ଟିମ୍ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂକୁ ହରାଇ ବିଜୟୀ ହୋଇଛି। ବିଏମସି ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ୪ ଉଇକେଟ ହରାଇ ୨୭୪ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରଦୀପ ରାଉତ ସର୍ବାଧିକ ୬୨ବଲରେ ୧୦୮ରନ କରିଥିଲେ। ଜବାବରେ ପ୍ରଗତି ସ୍ପୋର୍ଟିଂ ସମସ୍ତ ଉଇକେଟ ହରାଇ ୧୮୮ରନ କରି ପରାଜିତ ହୋଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ପ୍ରଦୀପ ରାଉତଙ୍କୁ ବିବେଚିତ କରି ଜୟଦୁର୍ଗା କ୍ଲବର ସଭାପତି ଅଦୈତ ଚରଣ ନାୟକ ପୁରସ୍କୃତ କରିଥିଲେ। ଅମ୍ପାୟାର ଶିବରାମ ରାଉତ ଓ ଜାଫର ଅଲ୍ଲୀ ଶାହା ଖେଳ ପରିଚାଳନା କରିଥିଲେ।

# ଡାକ୍ତରଙ୍କ ଆକାଉଣ୍ଟରୁ ୭୭ ଲକ୍ଷ ନେଇଗଲେ

## ବଡ଼ଧରଣର ସାଇବର ଠକେଇ

**କଟକ ଅଫିସ, ୧୭।୨**

ମୋବାଇଲ ସିମ୍ ଆକ୍ଟିଭ ବାହାନାରେ ଜଣେ ଡାକ୍ତରଙ୍କ ଆକାଉଣ୍ଟରୁ ସାଇବର ଠକ ୭୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟି ନେଇଛନ୍ତି। ସାଇବର ଠକଙ୍କ ଶିକାର ହୋଇଥିବା ଏହି ଡାକ୍ତର ଜଣକ ହେଲେ କଟକ ସିଡିଏ ସେକ୍ଟର-୭ ଅଞ୍ଚଳର ସନାତନ ମହାନ୍ତି। ଏ ନେଇ ଡାକ୍ତର ମହାନ୍ତି ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଡାକ୍ତର ମହାନ୍ତିଙ୍କ ନମ୍ବରକୁ ପ୍ରଥମେ ଏକ ଫୋନ କଲ୍ ଆସିଥିଲା। ସାଇବର ଠକ ଡାକ୍ତରଙ୍କୁ ତାଙ୍କ ମୋବାଇଲ ଫୋନ୍ ନମ୍ବର ଆକ୍ଟିଭ କରିବାକୁ କହିଥିଲେ। ନମ୍ବର ଆକ୍ଟିଭ ନ କଲେ ଫୋନ ସହ ଆଟାଚ୍ ଥିବା ବ୍ୟାଙ୍କ ନମ୍ବର ଇନ୍‌ଆକ୍ଟିଭ ହୋଇଯିବ ବୋଲି କହିଥିଲେ। ସାଇବର ଠକ ବିଶ୍ୱାସ ଜନ୍ମାଇ ଡାକ୍ତର ମହାନ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ସିଭିଭି ନମ୍ବର ନେଇଯାଇଥିଲେ। ଏହାପରେ କୌଶଳ କରି ଡାକ୍ତରଙ୍କ ମୋବାଇଲକୁ ଆସିଥିବା ଓଟିପି ନମ୍ବର ମଧ ମାଗିନେଇଥିଲେ। ସବୁ ଡାଟା ନେବା ପରେ ସାଇବର ଠକ ଡାକ୍ତରଙ୍କ ଆକାଉଣ୍ଟ ସମେତ ଫିକ୍ସ ଡିପୋଜିଟ ଆକାଉଣ୍ଟରୁ ମୋଟ ୭୭ ଲକ୍ଷ ୮୬ ହଜାର ୭୨୭ ଟଙ୍କା ଲୁଟି ନେଇଥିଲେ। ଟଙ୍କା ଲୁଟିନେଇଥିଲେ। ଗତ ଫେବୃୟାରୀ ୯ରୁ ୧୫ ତାରିଖ ମଧ୍ୟରେ ଏହି ଟଙ୍କା ଲୁଟି ନିଆଯାଇଥିବା ସାଇବର ଥାନାରେ ଡାକ୍ତର ମହାନ୍ତି ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଛାନ୍‌ଭିନ୍ ଚାଲିଥିବା ପୋଲିସ କହିଛି।

# ନିଦ ହଜାଇଥିବା ଲୁଟେରା ଗ୍ୟାଙ୍ଗ୍ ଧରାପଡ଼ିଲା

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**



- ୪ ଗିରଫ, ଜଣେ ଖସିଗଲେ
- ୧୨ ସୁନାଚେନ୍, ୩ ଚୋରା ଗାଡ଼ି ଜବତ

କିଛିଦିନ ହେବ ରାଜଧାନୀରେ ଉତ୍ପାତ କରି ପୋଲିସ ଓ ସହରବାସୀଙ୍କ ନିଦ ହଜାଇଥିବା ଲୁଟେରା ଗ୍ୟାଙ୍ଗକୁ କମିଶନରେଟ ପୋଲିସ ଧରିଛି। ସ୍ପେଶାଲ ସ୍କ୍ୱାଡ୍ ଓ ଶହୀଦନଗର ଥାନା ପୋଲିସ ମିଳିତ ଚଢ଼ାଉ କର ଗ୍ୟାଙ୍ଗ ଲିଡରଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ବେଗୁନିଆର ସନ୍ତୋଷ କୁମାର ବାରିକ(୨୧), ଜଙ୍କିଆର ବାବୁନି ଓରଫ ରାଜେଶ ମହାପାତ୍ର(୨୦), କଟକ ମାହାଙ୍ଗାର ଜଗା ଓରଫ ରବିନ ଓରଫ ରବୀନ୍ଦ୍ର ଶତପଥୀ(୨୧) ଓ ଗଞ୍ଜାମ ଭଞ୍ଜନଗରର ସାଗର ନାୟକ(୨୨)। ତେବେ ପୁନିଆ ନାମକ ଅନ୍ୟଜଣେ ଅଭିଯୁକ୍ତ ଖସି ଯାଇଛନ୍ତି। ତେବେ ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୨ଟି ସୁନା ଚେନ, ଏକ ମଙ୍ଗଳସୂତ୍ର ଓ ୩ଟି ଚୋରା ବାଇକ ଜବତ ହୋଇଛି। ଏମାନେ ଭୁବନେଶ୍ୱରର ଭିନ୍ନ ଭିନ୍ନ ଅଞ୍ଚଳରେ ଘର ଭଡା ନେଇ ରହୁଥିଲେ। ରାଜେଶ ଓ ରବୀନ୍ଦ୍ର ଉଭୟ ଗ୍ୟାଙ୍ଗର ମାଷ୍ଟରମାଇଣ୍ଡ୍। ଏମାନେ ୩ ଚୋରା ବାଇକ ରଖିଥିଲେ। ଅଧିକାଂଶ ସମୟରେ ରାଜେଶ, ସନ୍ତୋଷ, ରବିନ, ପୁନିଆ ଚୋରା ବାଇକ ଧରି ରାଜଧାନୀର ଗଳିକନ୍ଦିରେ ଛିନତାଇ କରୁଥିବାବେଳେ ସାଗର ଲୁଟ୍ ସୁନାକୁ ବିକ୍ରି ଓ ବ୍ୟାଙ୍କ୍‌ରେ ରଖିଥାନ୍ତି। ଅଭିଯୁକ୍ତଙ୍କ ନାମରେ ଭୁବନେଶ୍ୱର କମିଶନରେଟ୍ ପୋଲିସର ବିଭିନ୍ନ ଥାନାରେ ୧୩ରୁ ଅଧିକ ମାମଲା ରହିଛି। ସମସ୍ତେ ପେସାଦାର ଲୁଟେରା ଥିବାବେଳେ ସେମାନେ ପୂର୍ବରୁ ଜେଲ୍ ଯାଇଥିବା ଶହୀଦନନଗର ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁ କହିଛନ୍ତି।

ସୂଚନା ଅନୁଯାୟୀ, ଗତ ୧୦ ତାରିଖ ଦିନ ପ୍ରାୟ ୧୧ଟା ୪୫ରେ ଏକ ଦମ୍ପତି ସୈନିକ ସ୍କୁଲ୍ ଦେଇ ବାଇକରେ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତମାନେ ୨ଟି ବାଇକରେ ଆସି ପଛରେ ବସିଥିବା ମହିଳାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ଦ୍ରୁତ ଗତିରେ ପଳାଇଥିଲେ। ଏନେଇ ଅଭିଯୋଗ ପାଇବା ପରେ ଶହୀଦନଗର ପୋଲିସ ଘଟଣା ସ୍ଥଳକୁ ଯାଇ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ତଦନ୍ତ ଆରମ୍ଭ କରିଥିଲା। ତେବେ ଏହି ସମୟରେ ପୋଲିସ ଉକ୍ତ ଗ୍ୟାଙ୍ଗ ସମ୍ପର୍କରେ ସୂଚନା ପାଇ ଚଢ଼ାଉ କରିଥିଲା।

### ଲୁଟ୍ ସୁନା ବନ୍ଧା ରଖି ଋଣ ଉଠାଉଥିଲେ

ବିକ୍ରି କଲେ ଧରାପଡ଼ିବାର ଅଧିକ ସମ୍ଭାବନା ଥିବାରୁ ଲୁଟ୍ ସୁନାକୁ ବିଭିନ୍ନ ଅର୍ଥ ଲଗାଣକାରୀ ସଂସ୍ଥାରେ ବନ୍ଧକ ରଖି ଋଣ ଉଠାଉଥିଲେ। ଏଥିସହ ସୁନାକୁ ଝଲାଇ ବିଭିନ୍ନ ବଣିଆ ପାଖରେ ବିକ୍ରି ସହ ବନ୍ଧା ରଖୁଥିଲେ। ସେହିଭଳି ବଜାରଠାରୁ କମ୍ ଦରରେ ଅପରିଚିତ ଲୋକଙ୍କୁ ବିକ୍ରି କରିଦେଉଥିଲେ। ପରେ ଏହି ଟଙ୍କାରେ ରାଜଧାନୀର ନାମୀ ଦାମୀ ବାର ରେଷ୍ଟୁରାଣ୍ଟ ଯାଇ ମଉଜ କରିବା ସହ ଝିଅଙ୍କ ପଛରେ ଟଙ୍କା ଉଡାଉ ଥିଲେ।

### ଅର୍ଥ ଲଗାଣକାରୀ ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ହେବ

ବିନା କାଗଜପତ୍ରରେ ସୁନା ବନ୍ଧକ ରଖିବା ଏକ ବେଆଇନ କାର୍ଯ୍ୟ। ଲୁଟ୍, ଛିନ୍‌ତାଇ ଆଦି ଅପରାଧରୁ ଆସୁଥିବା ସୁନାକୁ ବନ୍ଧକ ରଖି ଉକ୍ତ ସଂସ୍ଥା ଲାଭାନ୍ୱିତ ହେଉଛନ୍ତି। ଏହା ଅପରାଧୀଙ୍କୁ ଅପରାଧ କରିବାକୁ ସୁଯୋଗ ଦେଉଛି। ତେଣୁ ଏଭଳି କାର୍ଯ୍ୟ କରୁଥିବା ସଂସ୍ଥାକୁ କମିଶନରେଟ୍ ପୋଲିସ ଚେତାବନୀ ଶୁଣାଇଛି। ଯାଞ୍ଚ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଡିସିପି ଉମାଶଙ୍କର ଦାଶ କହିଛନ୍ତି।

# ସୀମାନ୍ତବର୍ତ୍ତୀ ଅଞ୍ଚଳର ସୁରକ୍ଷା ଦାବିରେ ଧାରଣା




ଭାଜପା ପକ୍ଷରୁ ବକ୍ସିବଜାରସ୍ଥିତ ଗୋପବନ୍ଧୁ ଦାସ ପ୍ରତିମୂର୍ତ୍ତି ନିକଟରେ ଦିଆଯାଇଥିବା ଧାରଣା।

**କଟକ ଅଫିସ, ୧୭।୨**

ବକ୍ସିବଜାର ଗୋପବନ୍ଧୁ ପାର୍କରେ ଥିବା ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ନିକଟରେ ବୁଧବାର କଟକ ନଗର ଭାଜପା ପକ୍ଷରୁ ସାମୂହିକ ଗଣଧାରଣା ଦିଆଯାଇଥିଲା। ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳଗୁଡ଼ିକର ସୁରକ୍ଷା ଦାବି କରି ଭାଜପା ନେତାମାନେ ଧାରଣା ଦେଇଥିଲେ। ଏଥିସହ ସୀମାନ୍ତ ଅଞ୍ଚଳରେ ଆନ୍ଧ୍ର ସରକାରଙ୍କ ପଞ୍ଚାୟତ ନିର୍ବାଚନର ପ୍ରତିବାଦ କରିଥିଲେ। ରାଜ୍ୟ ସରକାରଙ୍କ ଅସହାୟତାକୁ ସମାଲୋଚନା କରିବା ସହ ସୀମାବର୍ତ୍ତୀ ଅଞ୍ଚଳଗୁଡିକର ବିକାଶ ପାଇଁ ତତ୍ପରତା ପ୍ରକାଶ କରିବାକୁ ଦାବି କରିଥିଲେ। ଧାରଣାରେ ଶ୍ରୀତମ ଦାସ, ପ୍ରଦୀପ ପଟ୍ଟନାୟକ, ସବ୍ୟସାଚୀ ମହାପାତ୍ର, ବିଶ୍ୱରଞ୍ଜନ ମିଶ୍ର, କଳ୍ପନା ପଟ୍ଟନାୟକ, କର୍ପୋରେଟର ଚିତ୍ତରଞ୍ଜନ ଦାସ, ମଣ୍ଡଳ ସଭାପତି ମାନସ ମହାନ୍ତି, ପ୍ରବୀଣା ମହାପାତ୍ର, ଅମ୍ବିକା ସାମଲ, ଜୟକୃଷ୍ଣ ସ୍ୱାଇଁ, ଯୁବମୋର୍ଚ୍ଚା ରାଜ୍ୟ ସଂଯୋଜକ ସ୍ମୃତିରଞ୍ଜନ ମିଶ୍ର, ମହମ୍ମଦ ସବୀର, ଶ୍ରୀନିବାସ ରେଡ୍ଡୀ, ଦୀପକ କାହାଳୀ, ଉଷା ପାତ୍ର ପ୍ରମୁଖ ସାମିଲ ଥିଲେ।

# ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ

**ଚୌଦ୍ୱାର,୧୭।୨(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବାଣୀପଦା ପଞ୍ଚାୟତରେ ନିର୍ମାଣ ହୋଇଥିବା ୬ଗୋଟି ପ୍ରକଳ୍ପର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଚୌଦ୍ୱାର କଟକ-ବିଧାୟକ ସୌଭିକ ବିଶ୍ୱାଳ ଏଥିରେ ଅତିଥି ଭାବେ ଯୋଗଦେଇ ଜିଲାର ପଞ୍ଚାୟତ ସ୍ତରରେ ପ୍ରଥମ କରି ବାଣୀପଦା ପଞ୍ଚାୟତର ଦେବୀ ନଗର ଗ୍ରାମରେ ୧୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏକ ସୁଦୃଶ୍ୟ ପାର୍କ, ୨୧ଲକ୍ଷ ଟଙ୍କାରେ ନିର୍ମିତ ୩ଟି ଅଙ୍ଗନୱାଡି କେନ୍ଦ୍ର, ୫ଲକ୍ଷ ବ୍ୟୟରେ କମ୍ୟୁନିଟି ସେଣ୍ଟର ଓ ୫ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଗୋଟିଏ କୃଷକ ପରାମର୍ଶ କେନ୍ଦ୍ର ଗୃହକୁ ଉଦ୍‌ଘାଟନ କରିଥିଲେ। ଏଥି ସହିତ ପାର୍କ ପରିସରରେ ନିର୍ମିତ ବିଜୁ ବାବୁଙ୍କ ଏକ ପ୍ରତିମୂର୍ତ୍ତିକୁ ବିଧାୟକ ଉଦ୍‌ଘାଟନ କରିଥିଲେ । ବାଣୀପଦା ସରପଞ୍ଚ ଜ୍ୟୋସ୍ନାରାଣୀ ସୁବୁଦ୍ଧିରାୟଙ୍କ ପୌରୋହିତ୍ୟରେ ଟାଙ୍ଗୀ-ଚୌଦ୍ୱାର ବିଡିଓ ବିନୋଦ କୁମାର ସେନାପତି, ଯୁବନେତା ତୀର୍ଥାନନ୍ଦ ସୁବୁଦ୍ଧିରାୟ, ଲକ୍ଷ୍ମଣ ରାଉତ, ମନୋରଞ୍ଜନ ସ୍ୱାଇଁ,କଳ୍ପନା ରାଉତ,ସରୋଜ ପ୍ରଧାନ,ଈଶ୍ୱର ରାଉତ,ରାମଚନ୍ଦ୍ର ନାୟକ,ଅଜୟ କୁମାର ବେହେରା,କରୁଣାକର ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

# ଆଇସିଏଆଇ ପକ୍ଷରୁ ଛାତ୍ର ସମ୍ମିଳନୀ




**ଭୁବନେଶ୍ୱର, ୧୭।୨ (ବ୍ୟୁରୋ)**

ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାଟାର୍ଡ ଆକାଉଣ୍ଟାନ୍ସ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ ଦୁଇଦିନିଆ ‘ଛାତ୍ର ସମ୍ମିଳନୀ-୨୦୨୧’ ଭୁବନେଶ୍ୱରସ୍ଥିତ ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି। ‘ମୋ କଲେଜ’ ଅଧକ୍ଷ ଆକାଶ ଦାସ ନାୟକ ଏବଂ ଓଟିଡିସି ଅଧକ୍ଷା ଶ୍ରୀମୟୀ ମିଶ୍ର ଏହାକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରିଥିଲେ। ଶାଖା ଅଧକ୍ଷ ସିଏ ବିଷ୍ଣୁ ପ୍ରସାଦ ମହାପାତ୍ର, ଷ୍ଟୁଡେଣ୍ଟ ଆସୋସିଏଶନ ଅଧକ୍ଷ ସିଏ ପ୍ରଦୀପ କୁମାର ସାହୁ ଏବଂ ଆଶୁତୋଷ ପାନି, ଆଇସିଏଆଇ, ଇଆଇସିଏଏସ୍‌ଏ, ଇଷ୍ଟର୍ଣ୍ଣ ଇଣ୍ଡିଆ ସିଏ ଛାତ୍ର ସଂଘର ଅଧକ୍ଷ ଓ ଆଇସିଏଆଇର ଇଆଇଆର୍‌ସି ଉପାଧକ୍ଷ ସିଏ ସୁନୀଲ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ଓଡ଼ିଶା ସରକାରଙ୍କ ଓଏଭିସିର ପରାମର୍ଶଦାତା, କାର୍ଯ୍ୟକାରୀ ସଚିବ ଓ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲର ପ୍ରତିଷ୍ଠାତା ତଥା ଆଇସିଏଆଇ ଭୁବନେଶ୍ୱର ଶାଖାର ପୂର୍ବତନ ଅଧକ୍ଷ ସିଏ ବିଜୟ କୁମାର ସାହୁ ବକ୍ତବ୍ୟ ପ୍ରଦାନ କରିଥିଲେ।

# ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଶ୍ରାଦ୍ଧବାର୍ଷିକୀ

**କଟକ ଅଫିସ,୧୭।୨**

ନୂଆପଡ଼ାସ୍ଥିତ ସାଇବାବା ମନ୍ଦିର ପରିସରରେ ବୁଧବାର ପୂର୍ବତନ ମନ୍ତ୍ରୀ କାଳିନ୍ଦୀ ବେହେରାଙ୍କ ଷଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଓଡିଶା-ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉକ୍ତ ଶିବିରକୁ ଉଦଘାଟନ କରିଥିଲେ। ଶିବିରରେ ୧୦୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଏଥିରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା, ସଦର ବ୍ଲକ ଉପାଧକ୍ଷ ବିଭୂତି ଭୂଷଣ ପରିଡ଼ା, ଜୀବନ ସାମନ୍ତରାୟ, ବୀରବର ଲେଙ୍କା, ସୁବୋଧ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କଟକ ମହାନଗର ବିଜୁ ଯୁବ ଜନତା ଦଳର ସମ୍ପାଦକ ପ୍ରଭାସ ରଞ୍ଜନ ପଶାୟତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୮ ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

## ମହିଳା ବେପାରୀ ଗିରଫ

**ଭୁବନେଶ୍ୱର,୧୭।୨(ବ୍ୟୁରୋ)**

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଳାଶୁଣି ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଅବକାରୀ ବିଭାଗ ଚଢ଼ାଉ କରି ଜଣେ ମହିଳାଙ୍କୁ ଗିରଫ କରିଛି। ସେ ହେଲେ ପ୍ରମିଳା ପ୍ରଧାନ(୫୨)। ତାଙ୍କଠାରୁ ନଗଦ ୧୨ହଜାର ଟଙ୍କା ଓ ୧୮୫ଗ୍ରାମର ବ୍ରାଉନସୁଗାର ଜବତ କରାଯାଇଛି। ଏହାର ବଜାର ମୂଲ୍ୟ ପ୍ରାୟ ୧୮ଲକ୍ଷ ଟଙ୍କା ହେବ। ଅଭିଯୁକ୍ତ ପ୍ରମିଳା ଫେରାର ଚୋରା ମଦବେପାରୀ ହାଡ଼ିଆର ସହଯୋଗୀ ବୋଲି ଅବକାରୀ ବିଭାଗ ଜାଣିବାକୁ ପାଇଛି।

ସୂଚନା ଅନୁଯାୟୀ, ପଳାଶୁଣି ଅଞ୍ଚଳରେ ଏକ ଘର କରି ହାଡିଆ ଦୀର୍ଘଦିନ ହେବ ମଦ ବେପାର କରିଆସୁଥିଲେ। ପୋଲିସ ଓ ଅବକାରୀ ବିଭାଗ ବାରମ୍ବାର ଚଢ଼ାଉ କରିବାରୁ କିଛିଦିନ ହେବ ସେ ଫେରାର ରହିଥିବାବେଳେ ତାଙ୍କ ନିଶା ସାମ୍ରାଜ୍ୟ ପରିଚାଳନା ଦାୟିତ୍ୱ ପ୍ରମିଳା ନେଇଥିଲେ। ପ୍ରମିଳା ଉକ୍ତ ଘରେ ବ୍ରାଉନସୁଗାର କାରବାର କରୁଥିବା ଅବକାରୀ ବିଭାଗ ଏସ୍‌ପି ରାମଚନ୍ଦ୍ର ମିଶ୍ର ସୂଚନା ପାଇବା ପରେ ତାଙ୍କ ନିର୍ଦ୍ଦେଶକ୍ରମେ ଭୁବନେଶ୍ୱର ଅବକାରୀ ଇନ୍ସପେକ୍ଟର ବିକାଶ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ହାଡ଼ିଆ ମଦ ଆଡ୍ଡା ଉପରେ ଚଢ଼ାଉ କରି ପ୍ରମିଳାଙ୍କୁ ଧରିଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ବ୍ରାଉନସୁଗାର ମିଳିବା ପରେ ପ୍ରମିଳାଙ୍କୁ ଗିରଫ କରାଯାଇଥିବା ଇନ୍ସପେକ୍ଟର ନାୟକ କହିଛନ୍ତି।

# କାଞ୍ଚି କାବେରୀ ବେଶରେ ଦର୍ଶନ ଦେଲେ ଦଧିବାମନ ଜୀଉ

**ନିଶ୍ଚିନ୍ତକୋଇଲି,୧୭।୨(ସ୍ୱ.ପ୍ର.)**



ନିଶ୍ଚିନ୍ତକୋଇଲି ବ୍ଲକ ଅସୁରେଶ୍ୱର ପଞ୍ଚାୟତରେ ଥିବା ଦଧିବାମନ ଜୀଉଙ୍କର କାଞ୍ଚିକାବେରୀବେଶ ଅନୁଷ୍ଠିତ ହୋଇଯାଇଛି। ଏହି ବେଶକୁ ଦର୍ଶନ କରିବାକୁ ଶ୍ରଦ୍ଧାଳୁଙ୍କ ସମାଗମ ପୀଠରେ ହୋଇଥିଲା। ବସନ୍ତ ପଞ୍ଚମୀରେ ପ୍ରଭାତରୁ ଜୀଉଙ୍କ ଯଥାବିଧି ପୂଜାର୍ଚ୍ଚନା କରାଯିବା ପରେ କାଞ୍ଚିକାବେରୀ ବେଶରେ ସୁସଜ୍ଜିତ କରାଯାଇଥିଲା। ଜୀଉଙ୍କୁ କାଞ୍ଚି କାବେରୀ ବେଶରେ ସୁସଜ୍ଜିତ ପରେ ବିମାନରେ ଶ୍ରୀମଦନମୋହନ ମନ୍ଦିରକୁ ଆସିଥିଲେ। ସେଠାରେ ଜୀଉଙ୍କୁ ନୀତିକାନ୍ତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ପରମ୍ପରା ଅନୁଯାୟୀ ପ୍ରଭୁ ମଦନମୋହନ ପ୍ରଥମେ ଫଗୁ ଖେଳିଥିଲେ।

# କ୍ରିକେଟ୍: ବିଲିପଡ଼ା ଟିମ୍ ଚାମ୍ପିୟନ

**ବାଙ୍କୀ,୧୭।୨(ସ୍ୱ.ପ୍ର)**

ଡମପଡ଼ା ବ୍ଲକ ପାଟପୁରସ୍ଥ ମା'ଷଷ୍ଠୀ ଠାକୁରାଣୀ କମିଟି ଆନୁକୂଲ୍ୟରେ ରାତ୍ରିକାଳୀନ ଟେନିସ ବଲ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ଖେଳ ମା'ଷଷ୍ଠୀ ଠାକୁରାଣୀ ଟିମ୍ ଓ ବିଲିମନ୍ତ୍ରୀ ସାହି, ବିଲିପଡ଼ା କ୍ରିକେଟ ଟିମ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳରେ ବିଲିପଡ଼ା କ୍ରିକେଟ ଟିମ୍ ଚାମ୍ପିୟନ ହୋଇଥିଲା। ଫାଇନାଲ୍ ମ୍ୟାଚକୁ ବିଷ୍ଣୁ ପ୍ରସାଦ ସେଠୀ ଓ କାବୁଲା ମଲ୍ଲିକ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ କଟକ ଜିଲା ବିଜେଡି ସାଧାରଣ ସମ୍ପାଦକ ସନାତନ ବେହେରା, କଟକ ଜିଲା ଯୁବ ଜନତା ଉପସଭାପତି ରମାକାନ୍ତ ସେଠୀ, ଯୁବ କ୍ରୀଡାବିତ୍ ଚିନ୍ତାମଣି ବେହେରା, ସିଂହନାଥ ଦେବଙ୍କ ସେବକ ସଂଘର ସଭାପତି ଦେବରାଜ ରଣା ଓ ଷଷ୍ଠୀ ଠାକୁରାଣୀଙ୍କ କମିଟି ସଭାପତି ପ୍ରଧୀର ସେଠୀ ପ୍ରମୁଖ ଉପସ୍ଥିତ ହୋଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ।



ଚାମ୍ପିୟନ ହୋଇଥିବା ବିଲିପଡ଼ା କ୍ରିକେଟ ଦଳର ଖେଳାଳିମାନେ।

# ବାଙ୍କୀର ବସୁନ୍ଧରା ଟଙ୍କା ଅନ୍ୟ ବ୍ଲକରେ ଖର୍ଚ୍ଚ

**ବାଙ୍କୀ,୧୭।୨(ସ୍ୱ.ପ୍ର./ ବି.ପ୍ର.)**



ବୈଠକରେ ଯୋଗ ଦେଇଥିବା ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, ତହସିଲଦାର ଓ ଅନ୍ୟମାନେ।

## ବାଙ୍କୀ ପଞ୍ଚାୟତ ସମିତି ବୈଠକ

ବାଙ୍କୀ ପଞ୍ଚାୟତ ସମିତିର ୭ମ ବୈଠକ ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଅଧକ୍ଷା ପୁଷ୍ପଲତା ସାମନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ବାଙ୍କୀକୁ ଏକ ନମ୍ବର କରିବାକୁ ସମସ୍ତ ସଭ୍ୟଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ବିଡିଓ ରତ୍ନାକର କାଣ୍ଡି, ତହସିଲଦାର ସତ୍ୟନାରାୟଣ ପଣ୍ଡା, ଜିଲା ପରିଷଦ ସଭ୍ୟ ମାନସ ରଞ୍ଜନ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ପ୍ରଣବ ପଟେଲ ପ୍ରମୁଖ ଯୋଗଦେଇଥିଲେ। ଖରାଦିନ ଆସୁଥିବାରୁ ପାନୀୟ ଜଳ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ଆରଡବ୍ଲ୍ୟୁଏସ୍‌ଏସ୍ ବିଭାଗର କାର୍ଯ୍ୟକ୍ରମ ସମ୍ପର୍କରେ ସଭ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ପ୍ରତି ପଞ୍ଚାୟତରେ ପାନୀୟ ଜଳଯୋଗାଣ ପାଇଁ ୫ ଲକ୍ଷ ଟଙ୍କା ବସୁନ୍ଧରା ଯୋଜନାରେ ପ୍ରଦାନ କରାଯାଉଥିଲେ ମଧ ତାହା ଏଠାରେ ଖର୍ଚ୍ଚ କରାଯାଇନାହିଁ। ଏହି ଅର୍ଥ ଜିଲାର ମାହାଙ୍ଗା, ସାଲେପୁର, ନିଆଳି ବ୍ଲକରେ ଖର୍ଚ୍ଚ ହୋଇଥିବା ସମିତିସଭ୍ୟ ବିଶ୍ୱରଞ୍ଜନ ପଣ୍ଡା ଅଭିଯୋଗ କରିଥିଲେ।

ବୈଠକରେ କୃଷି, ଗୋ ଓ ପଶୁପାଳନ, ସମନ୍ୱିତ ଶିଶୁ ବିକାଶ, ବିଦ୍ୟୁତ୍, ପାନୀୟ ଜଳ, ଶିକ୍ଷା, ଯୋଗାଣ, ବାର୍ଦ୍ଧକ୍ୟ ଭତ୍ତା, ଗ୍ରାମ୍ୟ ଉନ୍ନୟନ, କ୍ଷୁଦ୍ର ଜଳସେଚନ ଓ ସ୍ୱାସ୍ଥ୍ୟ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। ରାଜ୍ୟ, କେନ୍ଦ୍ର ସରକାରଙ୍କ ବିଭିନ୍ନ ଭତ୍ତା ଓ ପେନ୍‌ସନ ଯୋଜନାଗୁଡିକ ପାଇଁ ଅନଲାଇନ୍ ମାଧ୍ୟମରେ ନାମ ପଞ୍ଜୀକରଣ ବ୍ୟବସ୍ଥା ଥିଲେ ମଧ ବ୍ଲକରେ ଏହା କାର୍ଯ୍ୟକାରୀ ହେଉନାହିଁ। ଦୀର୍ଘଦିନ ଧରି ସାମାଜିକ ସୁରକ୍ଷା ଅଧିକାରୀ ପଦ ଖାଲି ପଡିଥିବାରୁ ବ୍ଲକର ଜଣେ କିରାଣି ସ୍ୱର୍ଣ୍ଣପ୍ରଭା ନାୟକଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ତାଙ୍କୁ ବ୍ଲକର ଡବ୍ଲ୍ୟୁଇଓ ଚିତ୍ତରଞ୍ଜନ ବେହେରା ସାହାଯ୍ୟ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। କାଳୀପୋଇ ପଞ୍ଚାୟତ, ବ୍ରାହ୍ମଣୀଦେବୀ ଜଳସେଚନ ପ୍ରକଳ୍ପକୁ ପୁନରୁଦ୍ଧାର କରିବା, ରଜୀବ-ଗୋଳଗଣ୍ଡ ପଞ୍ଚାୟତର ନଦୀକୂଳରେ ତଣ୍ଡିବଣ ଦେଇ ପ୍ରବାହିତ ହେଉଥିବା ବିଦ୍ୟୁତ୍ ଲାଇନ୍‌ରେ ସମସ୍ୟା ଦେଖାଯାଉଛି। ଏହି ସମସ୍ୟାକୁ ସମାଧାନ କରିବାକୁ ସୁନାଦେଇ ମୁଣ୍ଡିଆଠାରୁ ଏକ ସ୍ୱତନ୍ତ୍ର ଲାଇନ୍ ସଂଯୋଗ କରାଯିବାକୁ ବିଦ୍ୟୁତ୍ ବିଭାଗକୁ ଅନୁରୋଧ କରାଯାଇଛି। ଏହାସହ ୨୦ ପଞ୍ଚାୟତର ଉନ୍ନୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉପାଧକ୍ଷ ମଦନମୋହନ ନାୟକ, ସରପଞ୍ଚ ତରୁଣକାନ୍ତି ମହାପାତ୍ର, ବିଜନ ସାହୁ, ସୁବାସ ଚନ୍ଦ୍ର ସ୍ୱାଇଁଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟ ବୈଠକରେ ଯୋଗଦେଇଥିଲେ। ଏ ସମ୍ପର୍କରେ ବିଡିଓ କାଣ୍ଡିଙ୍କୁ ପଚାରିବାରୁ ମୋ ସମୟରେ ବାଙ୍କୀ ବ୍ଲକର ବସୁନ୍ଧରା ଟଙ୍କା ଅନ୍ୟ ବ୍ଲକରେ ଖର୍ଚ୍ଚ ହୋଇନାହିଁ। ପୂର୍ବତନ ବିଡିଓଙ୍କ ସମୟରେ ଏଭଳି ହୋଇଥିଲା ବୋଲି ସେ କହିଥିଲେ।

### ଦୋକାନରୁ ଗଞ୍ଜେଇ ଜବତ

କଟକସଦର,(ଡି.ଏନ୍.ଏ.): କଟକସଦର ଥାନା ଅଞ୍ଚଳର ଏକ ପାନ ଦୋକାନରେ ଗଞ୍ଜେଇ କାରବାର ହେଉଥିବା ଅଭିଯୋଗରେ ପୋଲିସ ବୁଧବାର ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଅଧୀନ କୁରାଙ୍ଗ ଶାସନ ଗ୍ରାମର ଶ୍ରୀମନ୍ତ ପତି। ଏହାସହ ତାଙ୍କଠାରୁ ୧୮୦ ଗ୍ରାମର ଗଞ୍ଜେଇ ସହ ଏକ ସ୍କୁଟି ଜବତ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୧୧/୨୧)ରେ ରୁଜୁ ହୋଇଛି। ସୂଚନାଯୋଗ୍ୟ, ଶ୍ରୀମନ୍ତ ନିଜ ପାନ ଦୋକାନରେ ଗଞ୍ଜେଇ କାରବାର କରୁଥିଲେ। ଏ ନେଇ ବିଶେଷସୂତ୍ରରୁ ଖବରପାଇ ପୋଲିସ ବୁଧବାର ତାଙ୍କ ଦୋକାନରେ ଚଢ଼ାଉ କରି ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଧରିଥିଲେ। ଚଢ଼ାଉ ବେଳେ ଶ୍ରୀମନ୍ତଙ୍କ ସ୍କୁଟିରେ ଗଞ୍ଜେଇ ଥିଲା।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଜୀବ ବିଜ୍ଞାନ ସଂସ୍ଥାନର ପ୍ରତିଷ୍ଠା ଦିବସ, ସଂସ୍ଥା ଅଡିଟୋରିୟମ, ନାଲ୍‌କୋ ଛକ, ପୂର୍ବାହ୍ନ ୧୦ଟା।
- ଓଡ଼ିଶୀ ମ୍ୟୁଜିକ୍ ଫେଷ୍ଟିଭାଲ, ଉତ୍କଳ ରଙ୍ଗମଞ୍ଚ, ପୂର୍ବାହ୍ନ ୧୦ଟା ୩୦।
- ବସ୍ତି ସୁରକ୍ଷା ମଞ୍ଚ ପକ୍ଷରୁ ବିଏମ୍‌ସି ଘେରାଉ, ବିଏମ୍‌ସି ମୁଖ୍ୟ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।
- ଅଭିଭାବକ ମହାସଂଘ ସମ୍ମିଳନୀ, ସୂଚନା ଭବନ, ପୂର୍ବାହ୍ନ ୧୧ଟା।
- କାନାରା ବ୍ୟାଙ୍କ ପକ୍ଷରୁ ରିଟେଲ ଏକ୍ସପୋ, ସ୍ୱର୍ଣ୍ଣ ଶ୍ରୀ ମଣ୍ଡପ, ନୀଳକଣ୍ଠେଶ୍ୱର ମନ୍ଦିର ନିକଟ, ଜାଗମରା, ପୂର୍ବାହ୍ନ ୧୧ଟା।
- ୟୁକ୍ତାମୁଖି ଚାରିଟେବୁଲ ଟ୍ରଷ୍ଟର ପ୍ରତିଷ୍ଠା ଦିବସ, ଭଞ୍ଜକଳା ମଣ୍ଡପ, ଅପରାହ୍ନ ୪ଟା।
- କଳିଙ୍ଗ ସିନେ ଆର୍ଟସ୍ ଫାଉଣ୍ଡେଶନର ବାର୍ଷିକ ଉତ୍ସବ ଓ ଆଲୋଚନାଚକ୍ର, ଲୋହିଆ ଏକାଡେମୀ, ଅପରାହ୍ନ ୪ଟା।

**ବାଲିଅନ୍ତା**

- ବାର୍ଷିକ ଯଜ୍ଞର ଅଶ୍ୱ ଦଶକର୍ମ ଓ ଅଶ୍ୱ ସ୍ଥାପନ, ଇଚ୍ଛାଦେଇପାଟଣା, ମୁକ୍ତେଶ୍ୱର, ମହାଦେବଙ୍କ ପୀଠ, ସକାଳ ୮ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ, ପ୍ରବଚନ କାର୍ଯ୍ୟକ୍ରମ, ଭିଙ୍ଗାରପୁର ଦୁର୍ଗାମଣ୍ଡପ ନିକଟ, ରାତି ୭ଟା ୩୦।

## ସଂକ୍ଷେପରେ

### ଜେଲ୍ ଗଲେ ଏମ୍‌ପିଙ୍କ ସହଯୋଗୀ, ପିଏଙ୍କୁ ଜାମିନ

ଭୁବନେଶ୍ୱର,୧୭।୨(ବ୍ୟୁରୋ)- ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନିଖୋଜ ପୋଷ୍ଟର ମରା ବିବାଦକୁ ନେଇ ଗଣ୍ଡଗୋଳ ଘଟଣାରେ ଗିରଫ ହୋଇଥିବା ଏମ୍‌ପିଙ୍କ ୨ଘନିଷ୍ଠଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଏମ୍‌ପିଙ୍କ ପିଏ ଧନେଶ୍ୱର ବାରିକଙ୍କୁ ଜାମିନ ମିଳିଥିବାବେଳେ ଅନ୍ୟତମ ସହଯୋଗୀ ଜ୍ୟୋତିରଞ୍ଜନ ପଣ୍ଡାଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ଏମ୍‌ପି ଅପରାଜିତା ପାର୍ଲାମେଣ୍ଟ ଅଧିବେଶନରେ ଯୋଗ ଦେବାକୁ ଯାଇଥିବାବେଳେ ଗତ ୧୦ତାରିଖରେ ତାଙ୍କ ନିଖୋଜ ସମ୍ପର୍କିତ ପୋଷ୍ଟର ରାଜଧାନୀର ବିଭିନ୍ନ ସ୍ଥାନରେ ମରାଯାଇଥିଲା। ଏହାକୁ କେନ୍ଦ୍ରକରି ଏମ୍‌ପିଙ୍କ ପିଏ ଧନେଶ୍ୱର ଏବଂ ଜ୍ୟୋତିରଞ୍ଜନଙ୍କ ସମେତ ୧୦ରୁ ଅଧିକ ଯୁବକ ଶୁଭମ୍ ହୀରା ଏବଂ ତାଙ୍କ ସହଯୋଗୀଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଶୁଭମ୍ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଧନେଶ୍ୱର ଏବଂ ଜ୍ୟୋତିରଞ୍ଜନଙ୍କୁ ଗିରଫ କରିଥିଲା। ହେଲେ ଉଭୟଙ୍କ ସ୍ୱାସ୍ଥ୍ୟଗତ କାରଣରୁ ସେମାନଙ୍କୁ କୋର୍ଟଚାଲାଣ ପରିବର୍ତ୍ତେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତେବେ ଅଭିଯୁକ୍ତମାନେ ସ୍ୱାସ୍ଥ୍ୟଗତ ସମସ୍ୟାର ଆଳ ଦେଖାଇ ମେଡିକାଲରେ ଭଲ କ୍ୟାବିନ୍‌ରେ ମଉଜ କରୁଥିବା ନେଇ ଶୁଭମ୍‌ଙ୍କ ମା' ଡିସିପିଙ୍କ ନିକଟରେ ମଙ୍ଗଳବାର ଅଭିଯୋଗ ଆଣିଥିଲେ। ଏହାପରେ ଉଭୟଙ୍କୁ ପୋଲିସ ବୁଧବାର କୋର୍ଟଚାଲାଣ କରିଥିଲା। କୋର୍ଟ ପରିସରରେ ଧନେଶ୍ୱର ଗଳି ପଡ଼ିଥିଲେ। ସ୍ୱାସ୍ଥ୍ୟଗତ କାରଣରୁ ଧନେଶ୍ୱରଙ୍କୁ କୋର୍ଟ ଜାମିନ ପ୍ରଦାନ କରିଥିଲେ।

### ଆରମ୍ଭ ହେବ ହୁଇଲ୍ ଅଫ୍ କାଇଣ୍ଡ୍‌ନେସ୍ ଅଭିଯାନ

ଭୁବନେଶ୍ୱର, ୧୭।୨(ବ୍ୟୁରୋ) : ଅନେକ ବ୍ୟକ୍ତି ବ୍ୟବହାର ଯୋଗ୍ୟ ପୁରୁଣା ବସ୍ତ୍ର ଆବଶ୍ୟକ କରୁଥିବା ପାଖ ପଡ଼ୋଶୀ ବା ଅନ୍ୟ ବ୍ୟକ୍ତିମାନଙ୍କୁ ଦେଇଥାନ୍ତି। ଏହି ମାନବିକତା ମୂଲ୍ୟବୋଧକୁ ଏକ ସାଙ୍ଗଠନିକ ମାର୍ଗରେ ଉଜ୍ଜୀବିତ କରିବା ପାଇଁ ସ୍ମାର୍ଟସିଟି ଭୁବନେଶ୍ୱର ଏକ ଅଭିନବ କାର୍ଯ୍ୟ ହାତକୁ ନେଇଛି। ବିଏମ୍‌ସି ପକ୍ଷରୁ ଆରମ୍ଭ ହେଉଛି 'ହୁଇଲ୍ ଅଫ୍ କାଇଣ୍ଡ୍‌ନେସ୍ ଅଭିଯାନ'। ଏକ ବସ୍‌କୁ ସ୍ୱତନ୍ତ୍ର ଭାବେ ଗଢ଼ାଯିବା ସହ ଚିତ୍ରିତ କରାଯାଇଛି। ଉକ୍ତ ବସ୍‌ଟି ପରିକ୍ରମା ସମୟରେ ସଂଗୃହୀତ ପୋଷାକଗୁଡ଼ିକୁ ପରିଷ୍କାର କର ।ଯାଇ ପ୍ୟାକିଂ କରି ରଖିବା ପାଇଁ ବିଭିନ୍ନ ଥାକ ଓ ଟ୍ରାଏଲ୍ ପାଇଁ ମଧ ବ୍ୟବସ୍ଥା ରହିଛି। ଏସବୁ ପୋଷାକ ପାଇଁ ଆଗ୍ରହୀ ବ୍ୟକ୍ତି ସମ୍ମାନର ସହିତ ଗାଡ଼ି ଭିତରକୁ ଆସି ସ୍ୱାଧୀନ ଭାବେ ନିଜ ପସନ୍ଦର ପୋଷାକଟିଏ ନେଇ ଯାଇପାରିବେ। ଏହି ଗାଡ଼ି ସହରର ନିର୍ଦ୍ଧାରିତ ସ୍ଥାନକୁ ଯାଇ ପୋଷାକ ବଣ୍ଟନ କରିବାର ବ୍ୟବସ୍ଥା ହୋଇଛି। ସାମାଜିକ ଅନୁଷ୍ଠାନ 'ବିକାଶ'କୁ ଏହି କାର୍ଯ୍ୟ ପାଇଁ ଚୟନ କରାଯାଇଥିବା ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

# ଅଧିବେଶନ ପୂର୍ବରୁ ଆତ୍ମାହୁତି ଉଦ୍ୟମ

## ବିଧାନସଭା ସମ୍ମୁଖରେ ହାଇଡ୍ରାମା

- ପେଟ୍ରୋଲ, ପାଣି ଓ କାଗଜପତ୍ର ଜବତ
- ମଞ୍ଚେଶ୍ୱର ପୋଲିସ ନ୍ୟାୟ ଦେଉ ନ ଥିବା ଅଭିଯୋଗ
- ଗିରଫ ହେଲେ ମାଗୁଣି



ଆତ୍ମାହୁତି ଉଦ୍ୟମବେଳେ ମାଗୁଣିଙ୍କୁ ଉଦ୍ଧାର କରାଯାଉଛି।

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଗୁରୁବାରଠାରୁ ବଜେଟ ଅଧିବେଶନ ଆରମ୍ଭ ହେଉଛି। ହେଲେ ଏହା ପୂର୍ବରୁ ବୁଧବାର ବିଧାନସଭା ସମ୍ମୁଖରେ ହାଇଡ୍ରାମା ଦେଖିବାକୁ ମିଳିଛି। ଜଣେ ବ୍ୟକ୍ତି ହାତରେ ପେଟ୍ରୋଲ ଧରି ଆତ୍ମାହୁତି ଉଦ୍ୟମ କରୁଥିବାବେଳେ ସୁରକ୍ଷା କର୍ମୀମାନେ ତାଙ୍କୁ କାବୁ କରିଛନ୍ତି। ପରେ ତାଙ୍କୁ ଗିରଫ କରାଯାଇଛି। ସେ ହେଲେ ହଂସପାଳ ଅଞ୍ଚଳର ମାଗୁଣି ସାହୁ। ମଞ୍ଚେଶ୍ୱର ଥାନା ପୋଲିସ ତାଙ୍କୁ ନ୍ୟାୟ ନ ଦେବାରୁ ବାଧହୋଇ ଆତ୍ମାହୁତି ପାଇଁ ଆସିଥିବା କହିଛନ୍ତି।

ଅପରାହ୍ନ ପ୍ରାୟ ସାଢ଼େ ୫ଟା ହେବ। ଏହି ସମୟରେ ମାଗୁଣି ଏକିଛକ ଆଡୁ ବିଧାନସଭା ସମ୍ମୁଖକୁ ଚାଲି ଚାଲି ଆସିଥିଲେ। ଗୋଟିଏ ହାତରେ ପାଣି ବୋତଲ ଓ ଅନ୍ୟ ହାତରେ ଇଞ୍ଜିନ ଅଏଲ୍ ଡବା ଧରି ଗେଟ୍ ନଂ.୨ ନିକଟରେ ପହଞ୍ଚିଥିଲେ। ଉକ୍ତ ଡବାରେ ପେଟ୍ରୋଲ ଥିଲା। ଏଥିସହ କିଛି କାଗଜପତ୍ର ମଧ ଧରି ଗେଟ୍ ଆଡକୁ ମାଡ଼ି ଯାଉଥିବାବେଳେ ତାଙ୍କ ଉପରେ ସୁରକ୍ଷାକର୍ମୀଙ୍କ ନଜର ପଡ଼ିଥିଲା। ଏହି ସମୟରେ ମାଗୁଣି ହାତରେ ଧରିଥିବା ପେଟ୍ରୋଲକୁ ଖୋଲି ଆତ୍ମହତ୍ୟା ଉଦ୍ୟମ କରିବାକୁ ଯାଉଥିବାବେଳେ ସୁରକ୍ଷାକର୍ମୀମାନେ ତାଙ୍କୁ କାବୁ କରି ପେଟ୍ରୋଲ ଡବାକୁ ଛଡ଼ାଇ ନେଇଥିଲେ। ତାଙ୍କଠାରୁ ପାଣିବୋତଲ ସହ ଥାନା ଅଭିଯୋଗପତ୍ରର ନକଲ ଓ ଅନ୍ୟ କିଛି କାଗଜପତ୍ର ଜବତ କରିଥିଲେ। ମାଗୁଣି କିନ୍ତୁ ଚିତ୍କାର କରି ନ୍ୟାୟ ଦାବି କରୁଥିଲେ। ସେପଟେ ବିଧାନସଭା ସମ୍ମୁଖରେ କେହିଜଣେ ଆତ୍ମହତ୍ୟା ଉଦ୍ୟମ କରୁଥିବା ଖବର ପ୍ରଚାରିତ ହୋଇଯିବାରୁ ସେଠାରେ ସାଧାରଣ ଲୋକ ଓ ଗଣମାଧ୍ୟମ ପ୍ରତିନିଧିଙ୍କ ଭିଡ଼ ଜମିଥିଲା। ଫଳରେ ଉକ୍ତ ରାସ୍ତାରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ପରେ ମାଗୁଣିଙ୍କୁ ପୋଲିସ ନିକଟ ଟ୍ରାଫିକ୍ ଥାନାକୁ ନେଇ ପଚରାଉଚରା କରିଥିଲା। ମାଗୁଣି କହିଥିଲେ, ତାଙ୍କ ପରିବାର ସହ ସାନ ଭାଇଙ୍କର ଦୀର୍ଘଦିନ ଧରି କଳହ ଲାଗି ରହିଛି। ଗତ ମାସରେ ସେ ୧୪ବର୍ଷ ଧରି ରହି ଆସୁଥିବା ଘର ଆଗରେ ବ୍ୟବସାୟ କରିବା ପାଇଁ କ୍ୟାବିନ୍ ତିଆରି କରୁଥିଲେ। ଏହି ସମୟରେ ସାନ ଭାଇ ଓ ତାଙ୍କ ସ୍ତ୍ରୀ ଝଗଡ଼ା କରିବା ସହ ସେମାନଙ୍କୁ ଆକ୍ରମଣ କରିଥିଲେ। ଏଥିସହ ମାଗୁଣିଙ୍କ ସ୍ତ୍ରୀ ତାରାମଣିଙ୍କୁ ମଧ ମାଡ଼ମାରିଥିଲେ। ଜାନୁୟାରୀ ୧୨ରେ ଏନେଇ ତାରାମଣି ମଞ୍ଚେଶ୍ୱର ଥାନାରେ ସାନଭାଇ, ତାଙ୍କ ସ୍ତ୍ରୀ ଓ କେତେଜଣ ପଡୋଶୀଙ୍କ ନାଁରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଅଭିଯୁକ୍ତଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। ବୁଧବାର ପୁଣିଥରେ ଥାନାକୁ ଆସି ନିରାଶ ହେବା ପରେ ବାଧହୋଇ ଏପରି ପନ୍ଥା ଆପଣାଇବାକୁ ଯାଉଥିବା ମାଗୁଣି କହିଛନ୍ତି। ତେବେ ଅଭିଯୋଗ ଆଧାରରେ ମାମଲା ରୁଜୁ ସହ ଚାର୍ଜଶିଟ୍ ହୋଇଛି।ଜୋନ୍-୧ ଏସିପି ମାନସ ରଞ୍ଜନ ଗଡ଼ନାୟକ କହିଛନ୍ତି, ଆତ୍ମାହୁତି ଉଦ୍ୟମ ଘଟଣାରେ ସମ୍ପୃକ୍ତ ବ୍ୟକ୍ତି ପାରିବାରିକ ବିବାଦକୁ ନେଇ ପରିବାର ସଦସ୍ୟଙ୍କ ନାଁରେ ମିଥ୍ୟା ଅଭିଯୋଗ ଆଣିଛନ୍ତି। ଏପରି କି ମା'ଙ୍କୁ ମଧ ଖାଇବାକୁ ଦେଉ ନ ଥିବା ତଦନ୍ତରୁ ଜଣାପଡିଛି। ପୋଲିସ ଉପରେ ଚାପ ସୃଷ୍ଟି ପାଇଁ ସେ ଏପରି ବେଆଇନ କାର୍ଯ୍ୟ କରିଥିବାରୁ ତାଙ୍କୁ ଗିରଫ କରାଯାଇଛି।

### ନିବେଦନ କଲେ, ଚେତାବନୀ ଦେଲେ ସିପି

ବିଧାନସଭା ସମ୍ମୁଖ ହାଇ ସିକ୍ୟୁରିଟି ଜୋନ୍‌ରେ ବାରମ୍ବାର ଆତ୍ମାହୁତି ଉଦ୍ୟମ ହେଉଛି। ଗତ ଶୀତକାଳୀନ ଅଧିବେଶନ ସମୟରେ ବହୁ ଚର୍ଚ୍ଚିତ ପରୀ ହତ୍ୟା ମାମଲାରେ ନ୍ୟାୟ ନ ପାଇ ତାଙ୍କ ମା' ବିଧାନସଭା ସମ୍ମୁଖରେ ଆତ୍ମାହୁତି ଉଦ୍ୟମ କରିବା ପରେ ଘଟଣା ପଦାକୁ ଆସିଥିଲା। ଏହାକୁ ନେଇ ବିଧାନସଭା ଅଚଳ ହୋଇପଡିଥିଲା। ସେହିଭଳି ଜଗତ୍‌ସିଂହପୁରର ଏକ ଦମ୍ପତି, ଆନ୍ଦୋଳନକାରୀ ଚାଷୀ ଓ ସ୍ୱାସ୍ଥ୍ୟକର୍ମୀମାନେ ଆତ୍ମାହୁତି ଉଦ୍ୟମ କରିଥିଲେ। ଏହାପରେ ବିଧାନସଭା ସମ୍ମୁଖରେ ସୁରକ୍ଷାକୁ କଡ଼ାକଡ଼ି କରାଯାଇଥିଲା। ଏବେ ପୁଣି ସମାନ ଘଟଣା ପୋଲିସର ଚିନ୍ତା ବଢ଼ାଇ ଦେଇଛି। ଏପରି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବାକୁ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏଣିକି ଏଠାରେ ଏପରି କଲେ ଗିରଫ ହେବେ ବୋଲି ସେ ଚେତାବନୀ ଦେଇଛନ୍ତି।

## ବିଧାନସଭା ସୁରକ୍ଷା ଯାଞ୍ଚ କଲେ ଡିଜିପି

- ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା, ୨୬ ପ୍ଲାଟୁନ ଫୋର୍ସ ମୁତୟନ
- ବିଧାନସଭା ସମ୍ମୁଖ ରାସ୍ତାରେ ଯାତାୟାତ ବନ୍ଦ



ଭୁବନେଶ୍ୱର,୧୭।୨(ବ୍ୟୁରୋ)

ବଜେଟ ଅଧିବେଶନର ଅବ୍ୟବହିତ ପୂର୍ବରୁ ବୁଧବାର ବିଧାନସଭା ସଦନର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ପୋଲିସ ଡିଜି ଅଭୟ। ବିଧାନସଭାର ଆଭ୍ୟନ୍ତରୀଣ ଓ ବାହ୍ୟ ସୁରକ୍ଷା ସ୍ଥିତିର ସମୀକ୍ଷା କରିଥିଲେ। ତାଙ୍କ ସହ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ, ଗୋଇନ୍ଦା ନିର୍ଦ୍ଦେଶକ ଆର୍. କେ. ଶର୍ମା, ଗୋଇନ୍ଦା ଡିଆଇଜି ଅନୁପ ସାହୁ, ଆଇନ ଶୃଙ୍ଖଳା ଏଡିଜି ଯଶବନ୍ତ ଯେଠୱା, ଡିସିପି ଡ. ଉମାଶଙ୍କର ଦାସ ପ୍ରମୁଖ ରହିଥିଲେ। ଏହି ଅବସରରେ ସୁରକ୍ଷା ରିହର୍ସାଲ କରାଯାଇଥିଲା। ବୋମା ନିଷ୍କ୍ରିୟକାରୀ ଟିମ୍ ଓ ସନ୍ଧାନୀ କୁକୁର ଦ୍ୱାରା ଯାଞ୍ଚ କରାଯାଇଥିଲା। ବିଧାନସଭା ଭିତର ସୁରକ୍ଷା ଦାୟିତ୍ୱ ଗୋଇନ୍ଦା ବିଭାଗ ନେଇଥିବାବେଳେ ବାହାର ୩ ଗେଟ ଓ ଚତୁଃପାର୍ଶ୍ୱ ରାସ୍ତାରେ ସୁରକ୍ଷା ଦାୟିତ୍ୱ କମିଶନରେଟ ପୋଲିସ ନେଇଛି। ଗାନ୍ଧୀମାର୍ଗରେ ପୋଲିସ ଅସ୍ଥାୟୀ ଶିବିର କରିବା ସହ ଏଥିସହ ସଂଯୋଗ ସମସ୍ତ ରାସ୍ତା ଉପରେ ସିସିଟିଭି ଜରିଆରେ ସନ୍ଦିଗ୍ଧଙ୍କ ଉପରେ ନଜର ରଖିଛି। ଲୋୟର ପିଏମ୍‌ଜି ସମେତ ବିଧାନସଭା ସମ୍ମୁଖ ଗେଟ ନିକଟରେ ୨ଟି କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ହୋଇଛି। ଏହାକୁ ଡିସିପିଙ୍କ କଣ୍ଟ୍ରୋଲ ରୁମ୍ ସହ ସଂଯୋଗ କରାଯାଇଛି।

ଅନ୍ୟପକ୍ଷରେ ଆତ୍ମାହୁତି ଘଟଣାର ପୁନରାବୃତ୍ତି ନ ହେବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଡା କଟକଣା ଲାଗୁ କରାଯାଇଛି। ଏଥିସହ ସାଧାରଣ ଚଳାଚଳ ପାଇଁ ରାସ୍ତା ପରିବର୍ତ୍ତନ ହୋଇଛି। ହାଉସିଂ ବୋର୍ଡ ପଟୁ ଆସୁଥିବା ସମସ୍ତ ଗାଡ଼ି କେଶରୀ ଟକିଜଠାରୁ ଆଗକୁ ନ ଯାଇ ବାମ ପଟ ରାସ୍ତାରେ ନିଜ ଗନ୍ତବ୍ୟସ୍ଥଳକୁ ଯିବେ। ସେହିପରି ଏଜି ଛକରୁ ପିଏମ୍‌ଜି ଛକ ଆଡକୁ ଆସୁଥିବା ଗାଡି ସୂଚନା ଭବନ ନିକଟରେ ଅଟକି ଡାହାଣକୁ ଯାଇ ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତାରେ ଆଗକୁ ଯିବେ। ମାଷ୍ଟରକ୍ୟାଣ୍ଟିନ୍ ପଟୁ ଲୋୟର ପିଏମ୍‌ଜି ଆଡକୁ ଆସୁଥିବା ଗାଡି ଉପର ପିଏମଜି ଛକଠାରୁ ବାମ କିମ୍ବା ଡାହାଣ ପାର୍ଶ୍ୱ ଦେଇ ଯାଇପାରିବେ। କିନ୍ତୁ ସେମାନଙ୍କୁ ମହାତ୍ମାଗାନ୍ଧୀ ମାର୍ଗରେ ଯିବାପାଇଁ ଅନୁମତି ଦିଆଯିବ ନାହିଁ। ୧୨୦ ବାଟାଲିୟନ ଛକ ପଟୁ ପିଏମ୍‌ଜି ଛକ ଆଡକୁ ଆସୁଥିବା ଗାଡି ପାୱାର ହାଉସ୍ ଛକ ଦେଇ ଗନ୍ତବ୍ୟସ୍ଥଳକୁ ଯିବ। ରାଜଭବନ ଛକ ପଟୁ ଏମ୍‌ଏଲ୍‌ଏ କଲୋନୀ ଏବଂ ରବୀନ୍ଦ୍ର ମଣ୍ଡପକୁ ଯାଉଥିବା ଗାଡ଼ିଗୁଡିକ ଶାସ୍ତ୍ରୀ ନଗର ଦେଇ ଯିବେ। ତେବେ ଏହି କଟକଣା ବିଧାନସଭା, ରାଜ୍ୟ ସଚିବାଳୟ ଓ ଅନ୍ୟାନ୍ୟ ସରକାରୀ ଦପ୍ତରକୁ ଯାଉଥିବା ଅଧିକୃତ ଗାଡି ପାଇଁ ଲାଗୁ ହେବ ନାହିଁ ବୋଲି କମିଶନରେଟ ପୋଲିସ ପକ୍ଷରୁ ଜାରି ବିଜ୍ଞପ୍ତିରେ ଦର୍ଶାଯାଇଛି।

## ୧୯ରୁ ଖଦି ପ୍ରଦର୍ଶନୀ

ଭୁବନେଶ୍ୱର, ୧୭।୨ (ବ୍ୟୁରୋ)

ଆସନ୍ତା ୧୯ ତାରିଖରୁ ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ଏବଂ ବିକ୍ରୟ ମେଳା ଆରମ୍ଭ ହେବ। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ପକ୍ଷରୁ ଖାରବେଳନଗରସ୍ଥିତ କାର୍ଯ୍ୟାଳୟ ପରିସରରେ ହେବାକୁ ଥିବା ଏହି ପ୍ରଦର୍ଶନୀ ୨୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ୬୦ଟି ଷ୍ଟଲ ଖୋଲିବା ସହ ଗାଁ ଗହଳିର ଗରିବ ବୁଣାକାର ଓ ଅନ୍ୟ ରାଜ୍ୟର ବୁଣାକାରଙ୍କ ଦ୍ୱାରା ପ୍ରସ୍ତୁତ ଖଦି ସାମଗ୍ରୀ ସ୍ଥାନ ପାଇବ। ଏଥିସହ କାର୍ପାସ, ସିଲ୍କ ଓ ମସ୍ଲିନ୍ ଖଦି ପ୍ରସ୍ତୁତ ଶାଢ଼ି, ଲୁଙ୍ଗି, ଗାମୁଛା ଓ ବିଭିନ୍ନ ପୋଷାକ ତଥା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରଦର୍ଶିତ ହେବ। ବେତ ବାଉଁଶ ନିର୍ମିତ ବିଭିନ୍ନ ଆସବାବପତ୍ର, ଘରକରଣା ସାମଗ୍ରୀ, ସବାଇଘାସ, ଗୋଲ୍‌ଡେନ୍ ଗ୍ରାସ ପ୍ରସ୍ତୁତ ଗୃହୋପକରଣ, ମସିଣା, ଝୋଟ ତିଆରି ସାମଗ୍ରୀ, ଚମଡା ଉତ୍ପାଦ, ଘଣାପେଡା ସୋରିଷତେଲ, ବିଶୁଦ୍ଧ ମହୁ, କନ୍ଧମାଳ ହଳଦୀ, ଝୁଣା, ମସଲା ସାମଗ୍ରୀ ମଧ ପ୍ରଦର୍ଶନ ସହ ବିକ୍ରି ହେବ। ଏଥିସହ ଚରଖା, କୁମ୍ଭାରଶିଳ୍ପ ଆଦିର ଜୀବନ୍ତ ପ୍ରଦର୍ଶନୀ ମେଳାର ମୁଖ୍ୟ ଆକର୍ଷଣ ରହିବ। ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି ବୋଲି ଖବରଦାତା ସମ୍ମିଳନୀରେ ବୋର୍ଡ ସଭାପତି ସଂଗ୍ରାମ କେଶରୀ ପାଇକରାୟ ସୂଚନା ଦେଇଛନ୍ତି। ବୋର୍ଡ ସଚିବ ଅବଦୁଲ ଅଲିମ ଖାଁ, ଉପସଚିବ ଅଶୋକ କୁମାର ମହାନ୍ତି ଓ ତ୍ରିଯୋଗୀ ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ସ୍ୱସ୍ତିକ



@ ରୋହିତ



@ ବାପୁ



@ ରୁବିସ୍ମିତା



@ ଶ୍ରୀକାନ୍ତ



@ ସତ୍ୟବ୍ରତ




@ କ୍ଷୀରୋଦ

## ରାତି ୧୦ରେ ଉଠିବ ମହାଦୀପ

ପୁରୁଣା ଭୁବନେଶ୍ୱର,୧୭।୨ (ଡି.ଏନ୍.ଏ.): ମାର୍ଚ୍ଚ ୧୧ରେ ମହାଶିବରାତ୍ରି ପାଇଁ ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମୟ ନିର୍ଘଣ୍ଟ ସ୍ଥିର ହୋଇଛି। ଏହାକୁ ବିଭିନ୍ନ ନିଯୋଗର ସେବାୟତ ପ୍ରମୁଖ ଏବଂ ବିଭିନ୍ନ ବିଭାଗକୁ ପଠାଯାଇ ସମୟ ସାରଣୀ ଉପରେ ଆଲୋକପାତ କରାଯାଇଛି। ରାତି ୧୦ଟାରେ ମହାଦୀପ ଉଠିବା ନେଇ ସ୍ଥିର ହୋଇଥିବା ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ ସୂଚନା ଦେଇଛନ୍ତି।



ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ ବୁଧବାର ରାଜଭବନରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାକ୍ଷାତ୍ କରୁଛନ୍ତି।

## ୫-ଟି ଢାଞ୍ଚାରେ ଚାଲିବ ଜେଲ

- କର୍ମଚାରୀଙ୍କୁ ଦିଆଯିବ ବଡି କ୍ୟାମେରା
- ଖାଦ୍ୟ ସାମଗ୍ରୀରୁ ୧୦କୋଟି ଉପାର୍ଜନ ଲକ୍ଷ୍ୟ
- ଜେଲକୁ ମିଳିବ ଲାପ୍‌ଟପ୍, ମେଟାଲ ଡିଟେକ୍ଟର

ଭୁବନେଶ୍ୱର,୧୭।୨(ବ୍ୟୁରୋ)

ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶାର ବିଭିନ୍ନ ଜେଲ୍‌ରେ ୫-ଟି ଢାଞ୍ଚାରେ ଅନେକ କାର୍ଯ୍ୟ ହାତକୁ ନିଆଯାଇଛି। କୋର୍ଟ ଏବଂ ପୋଲିସ ମଧ୍ୟରେ ଯୋଗ ସମ୍ପର୍କ ରକ୍ଷା ପାଇଁ ଇ-ପ୍ରିଜନ୍ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଏହାଦ୍ୱାରା ଅପରାଧୀମାନଙ୍କ ସମସ୍ତ ତଥ୍ୟ ସେଠାରେ ଉପଲବ୍ଧ ହୋଇପାରିଛି। ଏଥିସହିତ ଜେଲ୍‌ରେ ସୁରକ୍ଷା ନେଇ ବହୁ ପନ୍ଥା ଗ୍ରହଣ କରାଯିବା ସହ ୭୫୦ଟି ୱାକି-ଟକି ଦିଆଯାଇଛି। ଫଳରେ ଜେଲ୍ ଭିତରେ କୌଣସି ଅଘଟଣ ଅବା ଅପ୍ରୀତିକର ଘଟଣା ଘଟିଲେ ତୁରନ୍ତ ଯୋଗାଯୋଗ କରିବାକୁ ସୁବିଧା ହେଉଛି। ଜେଲ୍‌ରେ ରହୁଥିବା ଅନ୍ତେବାସୀଙ୍କ ତଥ୍ୟ ରଖାଯିବା ସହ ଇ-ମୁଲାକାତ ବ୍ୟବସ୍ଥା ହୋଇପାରିଛି। ବ୍ରହ୍ମପୁର, ଚୌଦ୍ୱାର, ଭବାନିପାଟଣା, ଜୟପୁର ଜେଲରେ ସୋଲାର ପ୍ରକଳ୍ପ ଜରିଆରେ ଗରମ ପାଣିର ବ୍ୟବସ୍ଥା ହୋଇପାରିଛି। ସେହିପରି ଭୁବନେଶ୍ୱର ସ୍ୱତନ୍ତ୍ର ଜେଲ ଏବଂ ଚୌଦ୍ୱାର ଜେଲରେ ମଶା ନିୟନ୍ତ୍ରଣ ପାଇଁ ଧୂଆଁ ମେଶିନ୍, ୱାଶିଂ ମେଶିନ୍, ଭାକ୍ୟୁମ କ୍ଲିନର ଆଦି ସୁବିଧା କରାଯାଇପାରିଛି। କଏଦୀମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଓଡ଼ିଶାର ବିଭିନ୍ନ ଜେଲରେ ଅନ୍ତେବାସୀଙ୍କ ଦ୍ୱାରା ଟେଲରିଂ, କ୍ୟାଣ୍ଟିନ୍, ଡାଏରୀ ଫାର୍ମିଂ, ସୋରିଷ ତେଲ ଆଦି ଖାଦ୍ୟ ସାମଗ୍ରୀ ମଧ ପ୍ରସ୍ତୁତ କରାଯାଇଛି। ଗତ ଏକ ବର୍ଷ ମଧ୍ୟରେ ଓଡ଼ିଶାର କେତେକ ଜେଲରେ ଛତୁ ଚାଷ, ହଳଦୀ ଗୁଣ୍ଡ, ବେସନ, ଛତୁଆ, ମାଣ୍ଡିଆ, ମଇଦା, ଅଟା ଆଦି ଖାଦ୍ୟ ସାମଗ୍ରୀ ପ୍ରାକୃତିକ ଉପାୟରେ ପ୍ରସ୍ତୁତ କରାଯାଉଛି। ତେବେ ୨୦୨୦-୨୧ ବର୍ଷ ମଧ୍ୟରେ ଏହି ଖାଦ୍ୟ ସାମଗ୍ରୀ ବିକ୍ରି ୧୦ କୋଟିର ଅଧିକ ଟଙ୍କା ଉପାର୍ଜନ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ସୂଚନା ମିଳିଛି।

ଆଗାମୀ ଦିନରେ ୫-ଟି ଅଧୀନରେ ଜେଲରେ କାର୍ଯ୍ୟରତ କର୍ମଚାରୀଙ୍କୁ ବଡି କ୍ୟାମେରା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଯାହାଦ୍ୱାରା ବ୍ୟବସ୍ଥା କଡ଼ାକଡ଼ି ହେବା ସହ କୌଣସି ପ୍ରକାରର ବେଆଇନ କାର୍ଯ୍ୟକଳାପକୁ ଏଡ଼ାଯାଇପାରିବ ବୋଲି କୁହାଯାଉଛି। ଜେଲ୍ ଭିତରକୁ ଯେପରି କୌଣସି ଧାତବ୍ୟ ଦ୍ରବ୍ୟ ଯାଇ ନ ପାରିବ ସେଥିପାଇଁ ସବୁ ଜେଲ୍‌ରେ ମେଟାଲ ଡିଟେକ୍ଟର ଲଗାଇବାର ବ୍ୟବସ୍ଥା କରାଯାଉଛି। ଭିଡିଓ କନ୍‌ଫରେନ୍ସ ଯୋଗେ ଅଭିଯୁକ୍ତଙ୍କୁ କୋର୍ଟରେ ହଜାର କରିବା ପାଇଁ ସବୁ ଜେଲକୁ ଲାପଟପ୍ ଦିଆଯିବ ବୋଲି ଜେଲ ବିଭାଗ ପକ୍ଷରୁ ସୂଚନା ମିଳିଛି। ୫ ସର୍କଲ ଜେଲ, ୨ ସ୍ୱତନ୍ତ୍ର ଜେଲ ଏବଂ ଗୋଟିଏ ମହିଳା ଜେଲ ଆଇଏସ୍‌ଓ ସାର୍ଟିଫିକେଟ ପାଇବା ଲକ୍ଷ୍ୟରେ ବିଭିନ୍ନ କାର୍ଯ୍ୟ କରାଯାଉଛି।

## ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ

ଯାଁଳା,(ଡି.ଏନ୍.ଏ.): ଜଟଣୀ ବ୍ଲକ ଅଧୀନ ଯାଁଳା ପଞ୍ଚାୟତର ମୁଣ୍ଡମୁହାଣ ଗ୍ରାମରେ ଶ୍ରୀରଘୁନାଥ ଦେବଙ୍କ ପୀଠରେ ଦୁଇଦିନ ଧରି ଚାଲିଥିବା ସଂକୀର୍ତ୍ତନ ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଯାଁଳା, ଅରିଶଲ, ଗୌଡ଼କାଶିପୁର, ମହୁରା, ସାହାଣୀ କାଶିପୁର, ମୁଣ୍ଡମୁହାଣ, ପିତାପଲ୍ଲୀ, ବେଣାପଞ୍ଜରୀ ଗ୍ରାମର ସଙ୍କୀର୍ତ୍ତନ ମଣ୍ଡଳୀ ଯୋଗଦେଇଥିଲେ। ତନ୍ମଧ୍ୟରେ ପୁରୁଷ ଓ ମହିଳା ଗାୟକ ଉପସ୍ଥିତ ଥିଲେ। ଏହି ଉତ୍ସବରେ ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା।

# ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ ଚାଷୀ

**ଖୋର୍ଦ୍ଧା ଅଫିସ,୧୭।୨**


ଜିଲାପାଳଙ୍କ ଅଫିସ ଘେରାଉ କରିଥିବା ଚାଷୀମାନେ।

ଚଳିତବର୍ଷ ଖୋର୍ଦ୍ଧା ଜିଲାରେ ଧାନକିଣାରେ ବ୍ୟାପକ ଅନିୟମିତତା, ଦୁର୍ନୀତି ହେଉଥିବା ଅଭିଯୋଗ ହେଉଛି। ସମିତି ସମ୍ପାଦକ- ମିଲର୍ସଙ୍କ ମଧୁଚନ୍ଦ୍ରିକାରେ ଧାନକିଣା ଚାଲିଥିବା ବେଳେ ଜିଲା ପ୍ରଶାସନର ନୀରବତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏକ ମାସ ମଧ୍ୟରେ ଧାନକିଣାରେ ଅନିୟମିତତା ନେଇ ବିଭିନ୍ନ ଅଞ୍ଚଳର ଚାଷୀ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରୁଛନ୍ତି। କେବଳ ପ୍ରତିଶ୍ରୁତି ଦେଇ ପ୍ରଶାସନ ଚୁପ୍ ବସିଛି ବୋଲି କୃଷକ ନେତା ଶ୍ରୀରଞ୍ଜନ ମଙ୍ଗରାଜ କହିଛନ୍ତି। ବୁଧବାର ବାଲିପାଟଣା ବ୍ଲକର ଶତାଧିକ ଚାଷୀ ଧାନ ଉଠୁ ନ ଥିବା ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଟୋକନ୍ ଥିବା ସତ୍ତ୍ୱେ ଧାନ ଉଠୁନାହିଁ। ସମିତି ସମ୍ପାଦକ ଟାର୍ଗେଟ୍ ଆସିନଥିବା କହି ଦିନ ଗଡ଼ାଇ ଚାଲିଛନ୍ତି। ମିଲର୍ସ ଧାନ ଉଠାଉନଥିବା ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ମୁତାବକ, ମାର୍ଥାପୁର ଓ କରୁଞ୍ଜିପୁର ପଞ୍ଚାୟତର ୩୮୧ଜଣ ଚାଷୀ ପଦ୍ମପୁର ସେବା ସମବାୟ ସମିତି(ପ୍ୟାକ୍ସ)ରେ ନାମ ପଞ୍ଜୀକରଣ କରିଛନ୍ତି। ଚଳିତବର୍ଷ ୧୯,୮୧୭ କ୍ୱିଣ୍ଟାଲ ଟାର୍ଗେଟ ରହିଥିବା ବେଳେ ୨୧୧ ଚାଷୀଙ୍କଠାରୁ ୭୩୦୦ କ୍ୱିଣ୍ଟାଲ ଧାନକିଣା ସରିଛି। ବଳକା ଚାଷୀ ୩ଥର ଟୋକନ୍ ପାଇଛନ୍ତି। କିନ୍ତୁ ଧାନ କିଣାଯାଉ ନାହିଁ। ଚାଷୀମାନେ ଧାନ ଧରି ମଣ୍ଡିରେ ଜଗି ରହିଛନ୍ତି। ଜାନୁୟାରୀ ୨୬, ଫେବୃୟାରୀ ୨ ଓ ୯ରେ ଚାଷୀଙ୍କ ମୋବାଇଲକୁ ଧାନ ବିକିବା ଲାଗି ମେସେଜ ଆସିଥିଲା। ଫଳରେ ଚାଷୀ ଧାନ ଧରି ମଣ୍ଡିରେ ଅପେକ୍ଷା କରି ରହିଛନ୍ତି। ଟୋକନ ପାଇ ସୁଦ୍ଧା ଧାନବିକ୍ରିରୁ ବଞ୍ଚିତ ହୋଇଛନ୍ତି ବୋଲି ଚାଷୀମାନେ କହିଛନ୍ତି। ତୁରନ୍ତ ମଣ୍ଡିରେ ଚାଷୀଙ୍କ ଧାନ କିଣିବା ବ୍ୟବସ୍ଥା ଲାଗି ଦାବି କରିଛନ୍ତି। ପ୍ରସନ୍ନ କୁମାର ପାତ୍ର, ବାସୁଦେବ ସ୍ୱାଇଁ, ରଶ୍ମିକାନ୍ତ ଷଡ଼ଙ୍ଗୀ, ହୃଦାନନ୍ଦ ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ, କାଳନ୍ଦୀ ସ୍ୱାଇଁ, ପ୍ରଫୁଲ୍ଲ ଦାଶଙ୍କ ସମେତ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

- ପଦ୍ମପୁର ପ୍ୟାକ୍ସରେ ଅବ୍ୟବସ୍ଥା
- ଟୋକନ୍ ପାଇଛନ୍ତି, ଧାନ ଉଠୁନି

### ଦାବିପତ୍ର ଦେଲେ ଚାଷୀ

**ବୋଲଗଡ଼,୧୭।୨(ଡି.ଏନ୍.ଏ.)** ପିଚୁକୁଳି ସେବା ସମବାୟ ସମିତି ମଣ୍ଡିରୁ ଟାର୍ଗେଟ୍ ଅନୁସାରେ ଧାନ କ୍ରୟ କରାଯିବା ଦାବିରେ ବୁଧବାର ଜିଲାପାଳ ସନତ ମହାନ୍ତିଙ୍କୁ ଉକ୍ତ ସମିତିର ଚାଷୀମାନେ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ସମିତିର ଧାନମଣ୍ଡିରୁ ଟାର୍ଗେଟଠାରୁ ପ୍ରାୟ ୭ ହଜାର କ୍ୱିଣ୍ଟାଲ କମ୍ ପରିମାଣର ଧାନ କ୍ରୟ କରାଯାଇଛି। ବଳକା ୭ହଜାର କ୍ୱିଣ୍ଟାଲ ଧାନ ଚାଷୀଙ୍କଠାରୁ ଶନିବାର ସୁଦ୍ଧା ମଣ୍ଡିରେ କ୍ରୟ କରାଯିବାକୁ ଦାବି ହୋଇଛି। ଏହି ଧାନ କ୍ରୟ କରାନଗଲେ ସମିତି କାର୍ଯ୍ୟାଳୟରେ ଚାଷୀମାନେ ଆମରଣ ଅନଶନ କରିବେ ବୋଲି କହିଛନ୍ତି।

## ଟ୍ରକ୍ ଧକ୍କାରେ ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର

**ବେଗୁନିଆ,୧୭।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଧୀନ ଗେଡ଼ିଆପଲ୍ଲୀ ଗୋବିନ୍ଦପୁର ରାସ୍ତାରେ ବୁଧବାର ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସ୍କୁଟି ପଛପଟକୁ ଏକ ଟ୍ରକ୍ ଧକ୍କା ଦେବାରୁ କଣ୍ଟିଲୋ ଗ୍ରାମର ଉଷାରାଣୀ ସାହୁଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୁରୁତର ହୋଇଛନ୍ତି। ଗୁରୁତର ପ୍ରତାପ ସାହୁଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ବେଗୁନିଆ ପୋଲିସ ଏକ ମାମଲା (ନଂ.୨୮/୨୧) ରୁଜୁକରି ଟ୍ରକ୍ ଚାଳକ ଅର୍ଜୁନ ବଡ଼ିଆଙ୍କୁ ଗିରଫ କରିଛି। ସୂଚନା ମୁତାବକ, ପ୍ରତାପ ଓ ତାଙ୍କ ସ୍ତ୍ରୀ ଉଷାରାଣୀ ଏକ ସ୍କୁଟିରେ ବାଲକାଟୀରୁ କଣ୍ଟିଲୋ ଅଭିମୁଖେ ଯାଉଥିବା ବେଳେ ଗୋବିନ୍ଦପୁର ରାସ୍ତାରେ ପଛପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କ ସ୍କୁଟିକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଷାରାଣୀଙ୍କ ମୃତ୍ୟୁ ହୋଇଥିବା ବେଳେ ପ୍ରତାପ ଗୁରୁତର ହୋଇଥିଲେ। ଖବରପାଇ କଳାପଥର ଅଗ୍ନିଶମ କର୍ମଚାରୀ ଏବଂ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରେ ଆମ୍ବୁଲାନ୍ସରେ ମୃତା ମହିଳା ଓ ତାଙ୍କ ସ୍ୱାମୀଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବାରୁ ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲା। ସ୍ଥାନୀୟ ଲୋକେ ଟ୍ରକ୍ ଚାଳକଙ୍କୁ କାବୁକରି ପୋଲିସ ଜିମା ଦେଇଥିଲେ। ପରେ ପୋଲିସ ଟ୍ରକ୍ ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି।

## ବାଇକ୍ ଚାଳକଙ୍କ ମୃତ୍ୟୁସଂଖ୍ୟା ବଢୁଛି



ପ୍ରଶାସନ ପକ୍ଷରୁ ସଚେତନ କରାଯାଉଛି।

**ଖୋର୍ଦ୍ଧା ଅଫିସ,୧୭।୨**

ସଡ଼କ ସୁରକ୍ଷା ମାସ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆୟୋଜିତ ସଡ଼କ ସଚେତନତା କାର୍ଯ୍ୟକ୍ରମରେ ଏସ୍‌ପି ରାଜକିଶୋର ଦୋରା, ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ବାର୍ ସଭାପତି ଶିଶିର ପରିଡ଼ା, ଟାଉନ ଥାନାଧିକାରୀ ଉମାଶଙ୍କର ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ସଡ଼କ ସୁରକ୍ଷା ବାର୍ତ୍ତା ଦେଇଥିଲେ।

ଏସ୍‌ପି ଦୋରା କହିଥିଲେ, ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁସଂଖ୍ୟା ଅଧିକ ରହିଛି। ବିନା ହେଲ୍‌ମେଟରେ ଯାତ୍ରା ଯୋଗୁ ଅନେକ ସମୟରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟୁଛି। ନିଜର ସୁରକ୍ଷା ଲାଗି ହେଲ୍‌ମେଟ ପରିଧାନ କରନ୍ତୁ। କୌଣସି ପରିସ୍ଥିତିରେ ବିପଜ୍ଜନକ ଭାବେ ଆଗରେ ଯାଉଥିବା କାର, ମାଲବାହୀ ଟ୍ରକକୁ ଓଭରଟେକ କରନ୍ତୁ ନାହିଁ। କୌଣସି କାର୍ଯ୍ୟରେ ଯୋଗଦାନ ଲାଗି ଯାଉଥିଲେ, ସମୟ ପୂର୍ବରୁ ବାହାରନ୍ତୁ ବୋଲି କହିଛନ୍ତି। ଏହି ଅବସରରେ ବିନା ହେଲେମେଟରେ ଯାତାୟାତ କରୁଥିବା କେତକ ବାଇକ୍ ଚାଳକଙ୍କୁ ହେଲମେଟ ପିନ୍ଧାଇବା ସହ, ଘରୁ ବାହାରିଲେ ହେଲମେଟ ପିନ୍ଧିବାକୁ ପରାମର୍ଶ ଦେଇଛନ୍ତି। ବିନା ହେଲମେଟରେ ବୁଲିଲେ, ଜରିମାନା ଆଦାୟ କରାଯିବ। ସେହିପରି ବିଧାୟକ ମିତ୍ର କହିଥିଲେ, ଏକ ରିପୋର୍ଟ ଅନୁଯାୟୀ ଦୈନିକ ୧୦ରୁ ୨୦ଜଣଙ୍କ ମୃତ୍ୟୁ ଘଟୁଛି। ଦୁର୍ଘଟଣାକୁ ରୋକିବା ଉଦ୍ଦେଶ୍ୟରେ ସରକାର ଚଳିତବର୍ଷ ସଡ଼କ ସୁରକ୍ଷା ସପ୍ତାହ ପରିବର୍ତ୍ତେ ମାସେ ବ୍ୟାପୀ ଆୟୋଜନ ହୋଇଥିଲା। ସଂକଳ୍ପ ନିଅନ୍ତୁ ବିନା ହେଲମେଟରେ ବାଇକ୍ ଚାଲାଇବେ ନାହିଁ। ନିଜେ ସଚେତନ ହେବା ସହ ଅନ୍ୟମାନଙ୍କୁ ସଚେତନ କରାନ୍ତୁ। ଏକ ମାସ ମଧ୍ୟରେ ୮୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ଥାନାଧିକାରୀ ଉମାଶଙ୍କର ସିଂ କହିଛନ୍ତି। ଏହି ଅବସରରେ ବିଭିନ୍ନ ବେଶଧାରୀ ବିନା ହେଲମେଟରେ ଯାତାୟାତ କରୁଥିବା ଲୋକଙ୍କୁ ସଚେତନ କରିବା ସହ ହେଲମେଟ ପିନ୍ଧିଥିବା ଲୋକଙ୍କୁ ଗୋଲାପ ଫୁଲ ଦେଇ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ପୋଲିସ, ସ୍ୱେଚ୍ଛାସେବୀ, ବିଭିନ୍ନ ଅନୁଷ୍ଠାନ, କଲେଜ ବିଦ୍ୟାର୍ଥୀ ଯୋଗଦେଇଥିଲେ।

## ସଂକ୍ଷେପରେ

### ୨୫ ହଜାର ଡଣ୍ଡ ଗଣିଲେ ଅମାନିଆ

**ବାଲୁଗାଁ,୧୭।୨(ଡି.ଏନ୍.ଏ.):** ବାଲୁଗାଁ ପୋଲିସ ପକ୍ଷରୁ ବୁଧବାର ଦୁଇଚକିଆ ଯାନ ଯାଞ୍ଚ କରାଯାଇଛି। ବିନା ହେଲ୍‌ମେଟ୍ ଏବଂ ବିନା ଡ୍ରାଇଭିଂ ଲାଇସେନ୍ସ ଚାଳକଙ୍କଠାରୁ ୨୫ ହଜାର ଟଙ୍କାର ଜରିମାନା ଚାଲାଣ କଟାଯାଇଛି। ଟ୍ରାଫିକ୍ ନିୟମ କଟକଣା ସତ୍ତ୍ୱେ ଅମାନିଆ ଚାଳକମାନେ ବିନା ହେଲ୍‌ମେଟରେ ବେପରୁଆ ଭାବେ ଗାଡ଼ି ଚଳାଇ ଆସୁଛନ୍ତି। ବାଲୁଗାଁ ଥାନା ଆଇଆଇସି ରମାକାନ୍ତ ମହାଲିକ୍ ସଦଳବଳ ଅପରାହ୍ନରେ ବାଲୁଗାଁ ବଜାରସ୍ଥିତ ପେଟ୍ରୋଲ ପମ୍ପ୍ ନିକଟରେ ଯାଞ୍ଚ କରିଥିଲେ।

### ଅବକାରୀ ଚଢ଼ାଉ: ୬ ଗିରଫ

**ପୁରୀ ଅଫିସ,୧୭।୨:** ପୁରୀ ସହରରେ ବୁଧବାର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ବେଆଇନ ଅବକାରୀ ଦ୍ରବ୍ୟ ଠୁଳ ଅଭିଯୋଗରେ ୬ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଖଣ୍ଡିଆବନ୍ଧ ବାରବାଟୀ ଭୋଇସାହିର ଗଣେଶ ଭୋଇଙ୍କଠାରୁ ୩୦ ଲିଟର ଦେଶୀମଦ ଓ ୧୦୦ ଲିଟର ପୋଚ ଜବତ ହୋଇଛି। ଅଭିଯୁକ୍ତଙ୍କ ବିରୋଧରେ କେସ୍ ନଂ. ୧୩୯/୨୧ ରୁଜୁ କରାଯାଇଛି। ସେହିଭଳି ମହେଶ୍ୱର ଭୋଇଙ୍କଠାରୁ ୫ ଲିଟର ଦେଶୀ, ୨ଶହ ଲିଟର ପୋଚ ଓ ନରେନ୍ଦ୍ରକୋଣ ମଙ୍ଗଳାସାହି ରେବ ଦେଈଠାରୁ ୪ ଲିଟର ଦେଶୀମଦ ଜବତ ହୋଇଛି। ଅବକାରୀ ଅଧିକାରୀ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଆଉ ଏକ ଟିମ୍ ୩ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ସମୁଦ୍ରକୂଳ ସାହିର ଅମୃତ ଭାରତୀ, ବାଲିନୋଳିଆ ସାହିର ସୁକା ସୁକୁରି ଓ ନରେନ୍ଦ୍ରକୋଣର ବଳରାମ ଭୋଇ। ଏମାନଙ୍କଠାରୁ ୧୦ ଲିଟର ଦେଶୀମଦ ଓ ୮୦ ଲିଟର ପୋଚ ଜବତ ହୋଇଛି।

### ପଞ୍ଚାୟତର ସମସ୍ୟା ଶୁଣିଲେ ବିଡିଓ

**ବ୍ରହ୍ମଗିରି,୧୭।୨(ଡି.ଏନ୍.ଏ.):** ବ୍ରହ୍ମଗିରି ବ୍ଲକର ୬ଷ୍ଠତମ ପଞ୍ଚାୟତ ସମିତି ବୈଠକ ବୁଧବାର ବ୍ଲକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ନଳିନୀପ୍ରଭା ବରାଳଙ୍କ ଅଧ୍ୟକ୍ଷତାରେ ବିଡିଓ ଜ୍ୟୋତି ପ୍ରକାଶ ସେଠୀଙ୍କ ସମେତ ଉକ୍ତ ବ୍ଲକର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ମହିଳା ଶିଶୁକଲ୍ୟାଣ ବିଭାଗର ଅଧିକାରୀଙ୍କ ସହ ନିର୍ବାଚିତ ସମସ୍ତ ଜନପ୍ରତିନିଧି ଉପସ୍ଥିତ ଥିଲେ। ଜନ ପ୍ରତିନିଧିମାନେ ସେମାନଙ୍କ ପଞ୍ଚାୟତର ସମସ୍ୟା ସମ୍ପର୍କରେ ଉପସ୍ଥାପନା କରିଥିବାବେଳେ ବିଡିଓ କେତୋଟି ସମାଧାନ କରିଥିଲେ। କୃଷି ବିଭାଗରେ ବ୍ୟାପକ ଅନିୟମିତତା ହୋଇଥିବା ଯଥା ସରକାରୀଙ୍କ ପକ୍ଷରୁ କେତେ ବିହନ, କୀଟନାଶକ, ସାର ଏବଂ କୃଷି ଯନ୍ତ୍ରପାତି ବ୍ରହ୍ମଗିରି ବ୍ଲକକୁ ଆସୁଛି ତାହାର ହିସାବ ଠିକ ଭାବେ କୃଷି ଅଧିକାରୀ ଦେଇପାରି ନ ଥିଲେ। ଏନେଇ ଫଳରେ ସଭାରେ ହୋହଲ୍ଲା ହୋଇଥିଲା। ଏହି ଅନିୟମିତତାକୁ ନେଇ ଜିଲା ପରିଷଦ ସଭ୍ୟ କୈଳାସ ପରିଡା, ସରପଞ୍ଚ ବିଶ୍ୱମ୍ଭର ସାମନ୍ତରାୟ, ଲଲାଟେନ୍ଦୁ ମହାନ୍ତି ପ୍ରମୁଖ ଉଦ୍‌ବେଗ ପ୍ରକାଶ କରିଥିଲେ। ସେହିଭଳି ପଞ୍ଚାୟତରେ ମହିଳା ସଂଘର ନିର୍ବାଚନ, ଗଡରୋଡଙ୍ଗ ପଞ୍ଚାୟତରେ ଅଙ୍ଗନୱାଡି ନିର୍ମାଣ ସମସ୍ୟା ନେଇ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କଠାରୁ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଜନପ୍ରତିନିଧିମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବୈଠକରେ ଅତିରିକ୍ତ ବିଡିଓ ପୂର୍ଣ୍ଣଚନ୍ଦ୍ର ସେଠୀ, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର ସାହୁ, ଜିପିଓ ସୁମିତ୍ରା ଜେନା, ଅରକ୍ଷିତ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷ ସହଦେବ ସାହୁ ,ମିଲି ବେହେରା, ହରେକୃଷ୍ଣ ମଲିକ, ଅଧିକାରୀ ନାୟକ, ବୀରଞ୍ଚି ନାରାୟଣ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ହରିହାଟ ସଂକୀର୍ତ୍ତନ ନାମଯଜ୍ଞ

**ବେଗୁନିଆ,୧୭।୨(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଧୀନ ଡିଙ୍ଗର ଗ୍ରାମର ପାଟରାସାହି ଭାଗବତ ଦେବଙ୍କ ପୁଣ୍ୟପୀଠରେ ୨୧ତମ ହରିହାଟ ସଂକୀର୍ତ୍ତନ ନାମଯଜ୍ଞ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୧୦ଟି ସଂକୀର୍ତ୍ତନ ମଣ୍ଡଳୀର ପ୍ରାୟ ୧୫୦ ନାମଧାରୀଙ୍କ ସମେତ ୨ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏଥିରେ ଉକ୍ତ ସାହିର ସମ୍ପାଦକ ବାଙ୍କନିଧି ବେହେରା, ଗୁରୁପ୍ରତିମ ଦିବାକର ନାଗ ଓ ଲଳିତ ନାରାୟଣ ନାଗ, ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ମଦନ ମୋହନ ମାର୍ଥା, ବାସୁଦେବ ବିଶ୍ୱାଳ, ଗୋବିନ୍ଦ ମାର୍ଥା, ବିରଞ୍ଚି ମହାରଣା, ବୁଲୁ ମହାରଣା, ନରସିଂହ ମାର୍ଥା, ଅଭିନ୍ନ ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍କର୍ପିଓ ଧକ୍କାରେ ଅଜା ମୃତ, ନାତି ଆହତ

**ବାଲୁଗାଁ,୧୭।୨(ଡି.ଏନ୍.ଏ.)**


ମଠପାଟଣା ଛକରେ ଜାତୀୟ ରାଜପଥ ଅବରୋଧ କରାଯାଇଛି।

ବାଲୁଗାଁ ବାଇପାସ୍ ୧୬ନଂ. ଜାତୀୟ ରାଜପଥର ମଠପାଟଣା ଛକଠାରେ ବୁଧବାର ରାତିରେ ସ୍କର୍ପିଓ ଧକ୍କାରେ ସାଇକେଲ ଆରୋହୀ ଅଜାଙ୍କ ମୃତ୍ୟୁ ଘଟିଥିବା ବେଳେ ୭ବର୍ଷର ନାତି ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ସ୍ଥାନୀୟ ମଠପାଟଣା ଗ୍ରାମର ସନିଆ ପ୍ରଧାନ(୬୦)। ତେବେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉତ୍ତ୍ୟକ୍ତ ଲୋକେ ମଠପାଟଣା ଛକରେ ୨ଘଣ୍ଟା ରାସ୍ତାରୋକୋ କରିଥିଲେ।

ସୂଚନା ମୁତାବକ, ରାତି ପ୍ରାୟ ୭ଟାରେ ସନିଆ ସାଇକେଲରେ ନାତିକୁ ବସାଇ ରାଜପଥରେ ରାସ୍ତା ପାର ହେଉଥିଲେ। ଏହି ସମୟରେ ଭୁବନେଶ୍ୱର ପଟୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ସ୍କର୍ପିଓ (ଓଡି-୦୨ ଡି୧୩୭୨) ମଠପାଟଣା ଛକରେ ସାଇକେଲକୁ ଧକ୍କା ଦେଇଥିଲା। ଫଳରେ ଅଜା ଓ ନାତି ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଚିକିତ୍ସା ପାଇଁ ବାଲୁଗାଁ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସନିଆଙ୍କୁ ମୃତ ଘୋଷଣା କରିଥିଲେ। ନାତି ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଏହି ଖବର ପ୍ରଚାରିତ ହେବା ପରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଶତାଧିକ ଲୋକେ ରାତି ୭ଟା ୩୦ରେ ମଠପାଟଣା ଛକଠାରେ ୧୬ନଂ. ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବାଲୁଗାଁ ଏସ୍‌ଡିପିଓ ମାନସ ରଞ୍ଜନ ବାରିକ, ବାଣପୁର ଆଇଆଇସି ସଞ୍ଜୟ ପଟ୍ଟନାୟକ ପ୍ରମୁଖ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ପରେ ରେଡ୍‌କ୍ରସ ପକ୍ଷରୁ ମୃତକଙ୍କ ପରିବାରକୁ ୧୦ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଅନ୍ୟ ଦାବିଗୁଡ଼ିକ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ୯ଟା ୩୦ରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା।

**କ୍ଷତିପୂରଣ ଦାବିରେ ୨ ଘଣ୍ଟା ରାସ୍ତାରୋକୋ**

### ବିଷ ପିଇ ଯୁବତୀଙ୍କ ଆତ୍ମହତ୍ୟା

**ବାଲୁଗାଁ,୧୭।୨(ଡି.ଏନ୍.ଏ.)**

ବାଲୁଗାଁ ଥାନା ଚାଷଙ୍ଗରା ଗ୍ରାମରେ ବୁଧବାର ଜଣେ ଯୁବତୀ ବିଷ ପିଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ମୁତାବକ, ବୁଧବାର ସକାଳେ ଯୁବତୀ ଜଣକ କୌଣସି କାରଣରୁ କୀଟନାଶକ ବିଷ ପିଇ ଦେଇଥିଲେ। ପରିବାର ଲୋକେ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ ତାଙ୍କୁ ବାଲୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ତେବେ ବିଷପାନ ଯୋଗୁ ଯୁବତୀଙ୍କ ମୃତ୍ୟୁ ହୋଇଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି। ଏ ସମ୍ପର୍କରେ ପୋଲିସ ଅପମୃତ୍ୟୁ ମାମଲା (ନଂ.୧/୨୧) ରୁଜୁକରି ତଦନ୍ତ ଚଳାଇଛି।

### ଓକିଲ ସଂଘର ସ୍ମୃତିସଭା

**ଖୋର୍ଦ୍ଧା ଅଫିସ,୧୭।୨**

ଖୋର୍ଦ୍ଧା ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଗୁରୁପ୍ରସାଦ ପଟ୍ଟନାୟକଙ୍କ ବିୟୋଗରେ ଏକ ସ୍ମୃତିସଭା କୋର୍ଟ ପରିସର ଲାଇବ୍ରେରି ହଲରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶିଶିର ପରିଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ପଟ୍ଟନାୟକଙ୍କ ସ୍ମୃତିଚାରଣ କରାଯାଇଥିଲା। ଓକିଲାତି ସହିତ ସେ ବିଭିନ୍ନ ସାମାଜିକ କାର୍ଯ୍ୟରେ ନିୟୋଜିତ ଥିଲେ। ଗଠନମୂଳକ ଚିନ୍ତାଧାରା ଲାଗି ସେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଦେବେନ୍ଦ୍ର କର, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ବିଜୟ ଛୋଟରାୟ, ବିଚିତ୍ର ବଡ଼ଜେନା, ରଜନୀକାନ୍ତ ପଟ୍ଟନାୟକ, ମହମ୍ମଦ ଜରିଫ, ପ୍ରଭଞ୍ଜନ ଜେନା, ଅଜିତ୍ ମିଶ୍ର, ମାନସ ରଞ୍ଜନ ପଟ୍ଟନାୟକ, ମନ୍ମଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମ୍ପାଦକ ହର୍ଷ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


ପୁରୀ ମଧୁବନ ସରସ୍ୱତୀ ଶିଶୁ ମନ୍ଦିରରେ ବୁଧବାର ଅନୁଷ୍ଠିତ ମାତୃ ସମ୍ମିଳନୀରେ ପୁଷ୍ପହାର ଗୁନ୍ଥା ପ୍ରତିଯୋଗିତାରେ ଭାଗ ନେଇଥିବା ମହିଳାମାନେ।

### ସମର୍ପିତ ମନୋଭାବ ନେଇ କାର୍ଯ୍ୟ କର

**ପୁରୀ ଅଫିସ,୧୭।୨:** ପୁରୀ ଜିଲା ଯୁବ ବିଜେଡି ପକ୍ଷରୁ ଜମିଦାର ପ୍ୟାଲେସଠାରେ ବୁଧବାର ଡିଜିଟାଲ କର୍ମଶାଳା ଆୟୋଜିତ ହୋଇଯାଇଛି। ରାଜ୍ୟ ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଏହି କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। କର୍ମଶାଳାରେ ପୁରୀ ସହରର ୧୫୦ଶହରୁ ଉର୍ଦ୍ଧ୍ୱ ଯୁବକର୍ମୀ ଯୋଗଦେଇଥିଲେ। କର୍ମଶାଳାରେ ରାଜ୍ୟ ସରକାରଙ୍କ ଲୋକପ୍ରିୟ ଯୋଜନାର ପ୍ରଚାର ପ୍ରସାରକୁ ସୋସିଆଲ୍ ମିଡିଆ ମାଧ୍ୟମରେ ପରିଚାଳିତ କରିବା ଉପରେ ଜୋର ଦିଆଯାଇଛି। ଏମ୍‌ପି ପିନାକୀ ମିଶ୍ର ଯୋଗଦେଇ ଯୁବକଙ୍କୁ ସମର୍ପିତ ମନୋଭାବ ନେଇ ଦଳ ପାଇଁ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ବିଜୟ କେତନ ସାହୁ, ନାରାୟଣ ସ୍ୱାଇଁ, ଗୌରହରି ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ନାରାୟଣ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଶ୍ରୀରାମ ମନ୍ଦିରର ବାର୍ଷିକୋତ୍ସବ

**ନିରାକାରପୁର,୧୭।୨(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ ଶ୍ରୀରାମ ମନ୍ଦିରର ଷୋଡ଼ଶ ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅବସରରେ ବୁଧବାର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶ୍ରୀରାମଦୟା ପରିଷଦ ଆନୁକୂଲ୍ୟରେ ମାରୁତି ମଣ୍ଡପରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସଭା ସଦସ୍ୟ ପଦ୍ମଶ୍ରୀ ଡ.ରଘୁନାଥ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଖୋର୍ଦ୍ଧା ଓ ପୁରୀ ଜିଲାର ୧୪ଟି ହାଇସ୍କୁଲର ମାଟ୍ରିକ-୨୦୨୦ ପରୀକ୍ଷା, କ୍ଷେତ୍ରବାସୀ ଡିଏଭି ମହାବିଦ୍ୟାଳୟର ଯୁକ୍ତ ୨କଳା, ବିଜ୍ଞାନ ଓ ବାଣିଜ୍ୟ ସ୍ନାତକ ସମ୍ମାନ ଏବଂ ସ୍ନାତକୋତ୍ତର ଓଡ଼ିଆ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅଞ୍ଚଳର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଲାଭ କରିଥିବା ବ୍ୟକ୍ତି ବିଶେଷ ଏବଂ ଖବରଦାତାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଉପଜିଲାପାଳ ଅଶୋକ କୁମାର ବେହୁରିଆ, ସରପଞ୍ଚ ହୃଷୀକେଶ ରାଉତରାୟ, ବେଣୁଧର ଦାସ, ପଦ୍ମଲାଭ ଦାଶ, ରମାନାଥ ଦାଶ ପ୍ରମୁଖ ଯୋଗଦେଇଥିଲେ। ସତ୍ୟବାଦୀ ବଳବନ୍ତରାୟ ଧନ୍ୟବାଦ ଦେଇଥିଲେ।

## ଡାକ୍ତରଙ୍କ ଆକାଉଣ୍ଟରୁ ୭୭ ଲକ୍ଷ ଲୁଟ୍

**କଟକ ଅଫିସ, ୧୭।୨**

**ସିମ୍ ଆକ୍ଟିଭ ବାହାନାରେ ନେଇଗଲେ ସାଇବର ଠକ**

ମୋବାଇଲ ସିମ୍ ଆକ୍ଟିଭ ବାହାନାରେ ଜଣେ ଡାକ୍ତରଙ୍କ ଆକାଉଣ୍ଟରୁ ସାଇବର ଠକ ୭୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଲୁଟିନେଇଛନ୍ତି। ସାଇବର ଠକଙ୍କ ଶିକାର ହୋଇଥିବା ଏହି ଡାକ୍ତର ଜଣକ ହେଲେ କଟକ ସିଡିଏ ସେକ୍ଟର-୭ ଅଞ୍ଚଳର ସନାତନ ମହାନ୍ତି। ଏ ନେଇ ଡାକ୍ତର ମହାନ୍ତି ସାଇବର ଥାନାରେ ଏତଲା ଦେବା ପରେ ପୋଲିସ ଏକ କେସ୍ ରୁଜୁ କରି ତଦନ୍ତ ଜାରି ରଖିଛି।

ଅଭିଯୋଗ ଅନୁଯାୟୀ, ଡାକ୍ତର ମହାନ୍ତିଙ୍କ ନମ୍ବରକୁ ପ୍ରଥମେ ଏକ ଫୋନ କଲ୍ ଆସିଥିଲା। ସାଇବର ଠକ ଡାକ୍ତରଙ୍କୁ ତାଙ୍କ ମୋବାଇଲ ଫୋନ୍ ନମ୍ବର ଆକ୍ଟିଭ କରିବାକୁ କହିଥିଲେ। ନମ୍ବର ଆକ୍ଟିଭ ନ କଲେ ଫୋନ ସହ ଆଟାଚ୍ ଥିବା ବ୍ୟାଙ୍କ ନମ୍ବର ଇନ୍‌ଆକ୍ଟିଭ ହୋଇଯିବ ବୋଲି କହିଥିଲେ। ସାଇବର ଠକ ବିଶ୍ୱାସ ଜନ୍ମାଇ ଡାକ୍ତର ମହାନ୍ତିଙ୍କ ବ୍ୟାଙ୍କ ଆକାଉଣ୍ଟ ନମ୍ବର ସହ ସିଭିଭି ନମ୍ବର ନେଇଯାଇଥିଲେ। ଏହାପରେ କୌଶଳ କରି ଡାକ୍ତରଙ୍କ ମୋବାଇଲକୁ ଆସିଥିବା ଓଟିପି ନମ୍ବର ମଧ୍ୟ ମାଗିନେଇଥିଲେ। ସବୁ ଡାଟା ନେବା ପରେ ସାଇବର ଠକ ଡାକ୍ତରଙ୍କ ଆକାଉଣ୍ଟ ସମେତ ଫିକ୍ସ ଡିପୋଜିଟ ଆକାଉଣ୍ଟରୁ ମୋଟ ୭୭ ଲକ୍ଷ ୮୬ ହଜାର ୭୨୭ ଟଙ୍କା ଲୁଟି ନେଇଥିଲେ। ଟଙ୍କା ଲୁଟିନେଇଥିଲେ। ଗତ ଫେବୃୟାରୀ ୯ରୁ ୧୫ ତାରିଖ ମଧ୍ୟରେ ଏହି ଟଙ୍କା ଲୁଟି ନିଆଯାଇଥିବା ସାଇବର ଥାନାରେ ଡାକ୍ତର ମହାନ୍ତି ଲିଖିତ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ଛାନ୍‌ଭିନ୍ ଚାଲିଥିବା ପୋଲିସ କହିଛି।

## ଚିକିତ୍ସା ପାଇଁ ସହାୟତାକୁ ଅପେକ୍ଷା

**ଜଟଣୀ,୧୭।୨(ଡି.ଏନ୍.ଏ.)**


ଶଯ୍ୟାଶାୟୀ ଧ୍ରୁବଚରଣଙ୍କ ନିକଟରେ ସ୍ତ୍ରୀ ବାସନ୍ତୀ।

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳ ଅଧୀନ ୧୦ନଂ. ୱାର୍ଡ ବଡ଼ନୂଆଗାଁ ମୌଜା ରଘୁନାଥନଗରରେ ରହୁଥିବା ଧ୍ରୁବଚରଣ ନାୟକ(୭୩)ଙ୍କ ଜୀବନ ଦୁର୍ବିଷହ ହୋଇପଡ଼ିଛି। ଦେଢ଼ ବର୍ଷ ହେବ ଧ୍ରୁବଚରଣ ଶଯ୍ୟାଶାୟୀ ଥିବା ବେଳେ ଚିକିତ୍ସାରେ ବାଧକ ହୋଇଛି ଅର୍ଥ। ଘରର ସେ ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। ତାଙ୍କ ଗୋଡ଼, ହାତ ଅଚଳ ହୋଇଯିବାରୁ ରୋଜଗାର ହରାଇ ଦୁଃଖକଷ୍ଟରେ ଜୀବନ ବିତାଉଥିବା ଦେଖିବାକୁ ମିଳିଛି।

ସୂଚନା ମୁତାବକ, ପୁରୀ ଜିଲା ଘୋରଡ଼ିଆ ପଥରପଡ଼ିଆ ସାହି ନିବାସୀ ଧ୍ରୁବଚରଣ ୧୯୫୭ରୁ ଜଟଣୀର ରଘୁନାଥ ନଗରରେ ରହୁଛନ୍ତି। ପରିବାର କହିଲେ ସେ ଓ ତାଙ୍କ ସ୍ତ୍ରୀ ବାସନ୍ତୀ ନାୟକ(୬୬)। ଧ୍ରୁବଚରଣ ଇଲେକ୍ଟ୍ରି ମିସ୍ତ୍ରିଭାବେ ସ୍ଥାନୀୟ ଅଞ୍ଚଳରେ ବେଶ୍ ଜଣାଶୁଣା। ଦୀର୍ଘ ୩୦ବର୍ଷ ହେବ ଲୋକଙ୍କୁ ସେବା ଯୋଗାଇ ଆସୁଥିବା ବେଳେ କିଛି ବର୍ଷ ହେବ ଅସୁସ୍ଥତା କାରଣରୁ ସେ କାମ କରିପାରିଲେ ନାହିଁ। ପରିବାରରେ କେହି ସାହାଯ୍ୟ ପାଇଁ ନ ଥିବାରୁ ୨୦୧୫ରେ ଜଟଣୀର ଏକ ଜରାଶ୍ରମରେ ଉଭୟ ସ୍ୱାମୀ-ସ୍ତ୍ରୀ ଆଶ୍ରୟ ନେଇଥିଲେ। ତେବେ କୌଣସି କାରଣରୁ ସେଠାରୁ ପଳାଇ ଆସି ରଘୁନାଥନଗରରେ ଥିବା ସରକାରୀ ଜମିରେ ଘର କରି ରହିଥିଲେ। ୨୦୧୯ ଡିସେମ୍ବର ୩ରେ ହଠାତ୍ ତାଙ୍କ ମୁଣ୍ଡ ବୁଲାଇ ପଡ଼ିଯିବାରୁ ତାଙ୍କ ଅଣ୍ଟା ଏବଂ ଦୁଇ ଗୋଡ଼ରେ ଆଘାତ ଲାଗିବାରୁ ସେ ଦେଢ଼ ବର୍ଷ ହେବ ଶଯ୍ୟାଶାୟୀ ହୋଇ ରହିଛନ୍ତି। ଅର୍ଥ ଅଭାବରୁ ଚିକିତ୍ସା ନ ପାଇ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି। ଚିକିତ୍ସା ପାଇଁ ଆର୍ଥିକ ସହାୟତା ନିମନ୍ତେ ପ୍ରଶାସନକୁ ନିବେଦନ କରିଛନ୍ତି। ସ୍ଥାନୀୟ ସ୍ୱେଚ୍ଛାସେବୀ ନୁର ମହମ୍ମଦ, ସୂଚନା ଅଧିକାର କର୍ମୀ ପ୍ରଶାନ୍ତ ମହାପାତ୍ର ଏବଂ ଦୀପକ ଜେନା ଗଣମାଧ୍ୟମ ମାଧ୍ୟମ ଯୋଗେ ଜିଲା ଏବଂ ସ୍ଥାନୀୟ ପ୍ରଶାସନ ସହିତ ବଦାନ୍ୟ ବ୍ୟକ୍ତି ଧ୍ରୁବଚରଣଙ୍କ ଚିକିତ୍ସା ନିମନ୍ତେ ସାହାଯ୍ୟ ପାଇଁ ଅନୁରୋଧ କରିଛନ୍ତି।

## ଯୁବକଙ୍କ ମୃତଦେହ ଜବତ

ବ୍ରହ୍ମଗିରି,(ଡି.ଏନ୍.ଏ.): ବ୍ରହ୍ମଗିରି ଥାନା ଅନ୍ତର୍ଗତ ବୁଦ୍ଧିସାହି ଗ୍ରାମରେ ବୁଧବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ କୁମୁଦ କାଣ୍ଡି (୪୦)। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ପ୍ରାୟ ସମୟରେ ପରିବାର ଲୋକଙ୍କ ସହ କୁମୁଦ ଝଗଡ଼ା କରୁଥିଲେ। ଏଥିଯୋଗୁ ପରିବାର ଲୋକେ ଅଶାନ୍ତିରେ ଥିବାବେଳେ ମଙ୍ଗଳବାର ରାତିରେ କୁମୁଦ ଘରକୁ ଫେରି ଶୋଇପଡ଼ିଥିଲେ। ସକାଳୁ ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଉଠିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ସେମାନେ ପୋଲିସକୁ ଜଣାଇଥିଲେ। ପୋଲିସ କୁମୁଦଙ୍କ ମୃତଦେହ ଜବତ କରି ତଦନ୍ତ ଜାରି ରଖିଛି।

### ଆଜି କ'ଣ କେଉଁଠି

ପୁରୀ

- ଅଖିଳ ଭାରତୀୟ କୃଷକ ସଂଘର୍ଷ ସମନ୍ୱୟ ସମିତି ପକ୍ଷରୁ ଧାରଣା, ପୁରୀ ରେଳଷ୍ଟେଶନ ସମ୍ମୁଖ, ମଧ୍ୟାହ୍ନ ୧୨ଟା।

### ସଂକ୍ଷେପରେ

## ବେତନ ପ୍ରଦାନରେ ବିଳମ୍ବ ଅଭିଯୋଗ

ସାକ୍ଷୀଗୋପାଳ,୧୭।୨(ଡି.ଏନ୍.ଏ.): ବିଭିନ୍ନ ସମସ୍ୟାର ସମାଧାନ ନିମନ୍ତେ କନିଷ୍ଠ ଶିକ୍ଷକ ସଂଘର ଜିଲା ପ୍ରତିନିଧି ବୁଧବାର ସତ୍ୟବାଦୀ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଜିତେନ୍ଦ୍ର ନାୟକଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କେତେଜଣ କର୍ମଚାରୀ କନିଷ୍ଠ ଶିକ୍ଷକ ଓ ଶିକ୍ଷା ସହାୟକମାନଙ୍କୁ ନିୟମିତ ବେତନ ପ୍ରଦାନରେ ବିଳମ୍ବ କରିବା ସହ ସେମାନଙ୍କୁ ନାନା ହଇରାଣ କରୁଥିବା ଅଭିଯୋଗ କରିଛନ୍ତ। ଏ ପର୍ଯ୍ୟନ୍ତ ବକେୟା ଇପିଏଫ୍ ନ ମିଳିବା, ଏପରିକି ଅଭିଯୋଗ କଲେ ଉଦ୍ଦେଶ୍ୟମୂଳକ ଭାବେ ବେତନ ବନ୍ଦ କରି ଦିଆଯାଉଛି ବୋଲି କହିଛନ୍ତି। ବିଇଓ ନାୟକ ଏ ସମ୍ପର୍କରେ ସଂଘର ସଭାପତି ରମାକାନ୍ତ ସାହୁ, ସମ୍ପାଦକ ଅନ୍ନଦାନନ୍ଦ ସାମନ୍ତରାୟ ଓ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଛନ୍ତି। ଅଭିଯୋଗର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ମିଳିଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

## ନିମାପଡ଼ା ବ୍ଲକ କଂଗ୍ରେସ କମିଟି ସଭାପତି ନିଯୁକ୍ତ

ନିମାପଡ଼ା,୧୭।୨(ଡି.ଏନ୍.ଏ.): ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ନିମାପଡ଼ା ବ୍ଲକ କଂଗ୍ରେସ କମିଟି ନୂତନ ସଭାପତି ବୁଧବାର ଚୟନ କରାଯାଇଛି। ସମସ୍ତଙ୍କ ମତ ଅନୁଯାୟୀ ନୂତନ ସଭାପତି ଭାବେ ଆଇନଜୀବି ବିଜୟ କୁମାର ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଛି। ପିସିସିର ଚିଠି ନଂ. ୭୭/୫/୨୧-ତା.୧୭/୨/୨୧ରିଖରେ ଏହି ନିଯୁକ୍ତି ଦିଆଯାଇଛି। ଦୃଢ଼ ଆସ୍ଥା ପ୍ରକଟ କରି ଏହି ନିଯୁକ୍ତି ଦେଇଥିବାରୁ ନୂତନ ବ୍ଲକ ସଭାପତି ବିଜୟ , ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜିଲା କଂଗ୍ରେସ କମିଟି ସଭାପତି ଅଜିତ ମଙ୍ଗରାଜ, ଜିଲା ପର୍ଯ୍ୟବେକ୍ଷକ ତଥା ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁଙ୍କୁ କୃତଜ୍ଞତା ଜଣାଇଛନ୍ତି। ନିମାପଡ଼ା ବ୍ଲକର ଶତାଧିକ କର୍ମୀ ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି।

# ପୁରୀ ଜିଲା: ୨୧୬ ଗାଁରେ ପାଣି ସଙ୍କଟ

ପୁରୀ ଅଫିସ,୧୭।୨



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ପୁରୀ ଜିଲାରେ ପାଣି ସମସ୍ୟା ଧିରେ ଧିରେ ଉତ୍କଟ ହେବାରେ ଲାଗିଛି। ଏବେଠୁ ସମସ୍ତେ ସଚେତନ ନ ହେଲେ ଏବଂ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଏହି ସମସ୍ୟା ଅଧିକ ଉତ୍କଟ ହୋଇପଡ଼ିବ। ବୁଧବାର ୟୁଥ୍ ହଷ୍ଟେଲ ପରିସରରେ ଅନୁଷ୍ଠିତ 'ପୁରୀ ଜିଲାରେ ପାଣି ସମସ୍ୟା ଓ ସମାଧାନ' ଶୀର୍ଷକ କର୍ମଶାଳାରେ ଏହି ମତ ପ୍ରକାଶ ପାଇଛି। ଏବେଠୁ ପୁରୀ ଜିଲାର ଅନେକ ସ୍ଥାନରେ ଜଳ ସଙ୍କଟ ଦେଖା ଦେଲାଣି। ଭୂତଳ ଜଳ ସଂରକ୍ଷିତ ହୋଇ ନ ପାରିଲେ ଆଗାମୀ ଦିନରେ ସମସ୍ୟା ଆହୁରି ଭୟାବହ ହେବ। ଗାଁ ଗହଳିର ଲୋକେ ଏନେଇ ସଚେତନ ହେବା ସହ ପୋଖରୀର ପୁନରୁଦ୍ଧାର ଉପରେ ଗୁରୁତ୍ୱ ଦେବା ଉଚିତ ବୋଲି ପରିବେଶବିତ୍ ଜଗନ୍ନାଥ ବସ୍ତିଆ କହିଛନ୍ତି। କାର୍ଯ୍ୟକ୍ରମର ସଂଯୋଜକ ରାଜ କିଶୋର ସ୍ୱାଇଁ ବିବରଣୀ ଉପସ୍ଥାପନ କରି କହିଛନ୍ତି ଯେ, ପୁରୀ ଜିଲାର ୨୧୬ଟି ଗ୍ରାମ ପାଣି ସଙ୍କଟ ଦେଇ ଗତି କରୁଛି। ଏଥିମଧ୍ୟରୁ ୧୩୯ ଗ୍ରାମରେ ସ୍ଥିତି ଅତିଶୟ। ବଳକା ୧୨୩ ଗ୍ରାମର ଲୋକେ ପୋଖରୀ ପାଣି ପିଉଛନ୍ତି। କେତେକ ସ୍ଥାନରେ ହଳଦିଆ, ଲୁଣିଆ, ଫ୍ଲୋରାଇଡ୍ ଓ ଆଇରନ୍ ଯୁକ୍ତ ପାଣି ବାହାରୁଛି। ପାଣି ଟିମ୍ ମୁଖ୍ୟ ଉମାକାନ୍ତ ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ଦାସ, ଅଶ୍ୱିନୀ ନାୟକ, ବିଷ୍ଣୁପ୍ରିୟା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱ



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ଆମ୍ବୁଲାନ୍ସ ଡ୍ରାଇଭର ତଥା କୋଭିଡ୍ ଯୋଦ୍ଧାମାନେ।

ପୁରୀ ଅଫିସ,୧୭।୨

ପୁରୀ ଜିଲା ପ୍ରଶାସନ ପକ୍ଷରୁ ନୀଳାଦ୍ରି ବେଳାଭୂମିରେ ବୁଧବାର ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ, ରୋଟାରି କ୍ଲବ୍, ପୁରୀ ସାଇକେଲ୍ କ୍ଲବ୍ ଏବଂ ୱାଇଫେସ୍‌ର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏକ ମାସ ଧରି ପ୍ରଶାସନ ଓ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ସଡ଼କ ସୁରକ୍ଷା ନେଇ ସଚେତନତା ସୃଷ୍ଟି କରିଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପରିବହନ କମିଶନର ସଞ୍ଜୀବ କୁମାର ପଣ୍ଡା ଯୋଗଦେଇ ସଡ଼କ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଜାଗ୍ରତ ନାଗରିକ ଭାବେ ଆମେ ସଡ଼କ ନିରାପତ୍ତା ପ୍ରତି ଦୃଷ୍ଟି ଦେବା ଆବଶ୍ୟକ ବୋଲି ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳାଇ କହିଛନ୍ତି। ଏହି ଅବସରରେ ସମ୍ମୁଖ କୋଭିଡ୍ ଯୋଦ୍ଧା ଭାବେ ୪୦ ଜଣ ଆମ୍ବୁଲାନ୍ସ ଡ୍ରାଇଭରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡ଼ଜେନା, ନିଖିଳ ଓଡ଼ିଶା ବସ୍ ସଂଘ ସଭାପତି ଲୋକନାଥ ପାଣି, ରୋଟାରି କ୍ଲବ୍ ସଭାପତି ପ୍ରମୋଦ କୁମାର ଆଚାର୍ଯ୍ୟ ଏବଂ ବିଭିନ୍ନ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ୨ ପୋଷ୍ୟ ବିଦ୍ୟାଳୟକୁ ଜିଲାପାଳଙ୍କ ଆର୍ଥିକ ସହାୟତା

ପୁରୀ ଅଫିସ,୧୭।୨

ପୁରୀ ଜିଲାପାଳ ସମର୍ଥ ବର୍ମା ପୋଷ୍ୟ ଭାବେ ଗ୍ରହଣ କରିଥିବା ୨ଟି ବିଦ୍ୟାଳୟକୁ ୩୦ ହଜାର ଟଙ୍କା ଲେଖାଏ ପ୍ରଦାନ କରିଛନ୍ତି। ପୁରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ବିଶ୍ୱମ୍ଭର ବିଦ୍ୟାପୀଠ ପାଣ୍ଠିକୁ ଏହି ଅର୍ଥ ପ୍ରଦାନ କରାଯାଇଛି। ଉକ୍ତ ବିଦ୍ୟାଳୟ ଦ୍ୱୟର ଭିତ୍ତିଭୂମି ବିକାଶ, ଗୁଣାତ୍ମକ ଶିକ୍ଷାର ମାନ ବୃଦ୍ଧି, ଡିଜିଟାଲ ଶିକ୍ଷାକ୍ଷେତ୍ରକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଜିଲାପାଳ ନିଜସ୍ୱ ପାଣ୍ଠିରୁ ଏହି ଅର୍ଥ ଦେଇଛନ୍ତି। ଏହି ଅବସରରେ ଉପଜିଲାପାଳ ଭବତାରଣ ସାହୁ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁ, ପ୍ରଧାନଶିକ୍ଷକ ସୁଶୀଲ କୁମାର ବ୍ରହ୍ମା, ପ୍ରଧାନ ଶିକ୍ଷୟିତ୍ରୀ ମମତା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ

ସାକ୍ଷୀଗୋପାଳ,୧୭।୨(ଡି.ଏନ୍.ଏ.)

କରୋନା ସ୍ଥିତି ସ୍ୱାଭାବିକ ହେବା ପରେ ସାକ୍ଷୀଗୋପାଳ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ସମାଗମ ହେବାରେ ଲାଗିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରି ତୀର୍ଥ ଯାତ୍ରାର ସାକ୍ଷୀ ଦେବାକୁ ଶ୍ରଦ୍ଧାଳୁମାନେ ସାକ୍ଷୀଗୋପାଳ ପରିଦର୍ଶନରେ ଆସନ୍ତି। ମନ୍ଦିରରେ ଠାକୁରଙ୍କ ଦର୍ଶନ କରିବାସହ ପୂଜାର୍ଚ୍ଚନା କରି ମନାସନ୍ତି। ବୁଧବାର ଭୋପାଳରୁ ଆସିଥିବା ପ୍ରାୟ ୨ଶହ ଭକ୍ତ ଠାକୁରଙ୍କୁ ଦର୍ଶନ କରିବା ପରେ ମନ୍ଦିର ବେଢ଼ାରେ ଭଜନ କୀର୍ତ୍ତନ କରିବା ସହ ଠାକୁରଙ୍କ ମହିମା ସମ୍ପର୍କରେ ଗୁରୁ ଶ୍ରୀ ରସାନନ୍ଦ ପ୍ରଭୁଙ୍କଠାରୁ ଶ୍ରବଣ କରିଥିଲେ। ଉଜ୍ଜୟିନୀ ଆଶ୍ରମର ଗୁରୁ ଶ୍ରୀ ତ୍ରିବିକ୍ରମ ପ୍ରଭୁ ଓ ଶିଷ୍ୟବୃନ୍ଦ ସାମିଲ ଥିଲେ।

# ମୁକ୍ତିମଣ୍ଡପ ପଣ୍ଡିତ ସଭା କମିଟିକୁ ନେଇ ତେଜିଲା ବିବାଦ

ପୁରୀ ଅଫିସ,୧୭।୨

ମୁକ୍ତିମଣ୍ଡପ ପଣ୍ଡିତ ସଭାର ସମ୍ବିଧାନ ଅନୁଯାୟୀ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ହିଁ ଅନୁଷ୍ଠାନର ସ୍ଥାୟୀ ସଭାପତି। ଶଙ୍କରାଚାର୍ଯ୍ୟଙ୍କ ଅନୁପସ୍ଥିତିରେ କାର୍ଯ୍ୟକାରୀ ସଭାପତି ସମସ୍ତ କାର୍ଯ୍ୟାବଳୀ କରିବା କଥା। ମାତ୍ର ଦୀର୍ଘଦିନ ଧରି କାର୍ଯ୍ୟକାରୀ ସଭାପତି ପଦରେ ଥିବା ବ୍ୟକ୍ତି ମୁକ୍ତିମଣ୍ଡପ ପଣ୍ଡିତ ସଭାର ବିନାନୁମତିରେ ମନଇଚ୍ଛା କାର୍ଯ୍ୟ କରୁଛନ୍ତି। ବୁଧବାର ଏକ ଖବରଦାତା ସମ୍ମିଳନୀରେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କର୍ମକର୍ତ୍ତାମାନେ ଏହି ଅଭିଯୋଗ ଆଣିଛନ୍ତି। ସେମାନେ କହିଛନ୍ତି, ଆସନ୍ତା ୨୧ ତାରିଖରେ କାର୍ଯ୍ୟକାରୀ ବୈଠକ ଆୟୋଜନ ହେଉଥିବା ମୁକ୍ତିମଣ୍ଡପ ପଣ୍ଡିତ ସଭା ସହସମ୍ପାଦକ ସୂଚନା ଦେଇଛନ୍ତି। ମାତ୍ର ୨୦୨୦ ଏପ୍ରିଲରୁ ମୁକ୍ତିମଣ୍ଡପ ପଣ୍ଡିତ ସଭା କମିଟି ଭଙ୍ଗ ହୋଇସାରିଥିବାରୁ ବୈଠକ ଡାକିବାର ବିଧିବଦ୍ଧ ଅଧିକାର ତାଙ୍କ ପାଖରେ ନାହିଁ। ନିର୍ବାଚନ ପ୍ରକ୍ରିୟା ପାଇଁ ନିର୍ବାଚନ ଅଧିକାରୀ ମଧ୍ୟ ରହିଛନ୍ତି। ମାତ୍ର ନିର୍ବାଚନ ଅଧିକାରୀ ଓ ସ୍ଥାୟୀ ସଭାପତିଙ୍କ ବିନା ଅନୁମତିରେ ଏଭଳି ବୈଠକ ଡକାଯାଇପାରିବ ନାହିଁ ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦର ସଭାପତି ତଥା ମୁକ୍ତିମଣ୍ଡପ ପଣ୍ଡିତ ସଭା ସଦସ୍ୟ ସୂର୍ଯ୍ୟନାରାୟଣ ରଥ କହିଛନ୍ତି। ଖବରଦାତା ସମ୍ମିଳନୀରେ ଦୁର୍ଗାପ୍ରସାଦ ମହାପାତ୍ର, ହରିଶଙ୍କର ମିଶ୍ର ଓ କମଳନୟନ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ କାର୍ଯ୍ୟକାରୀ ସଭାପତିଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

### ସହର ଖବର

## କଳା, ସଂସ୍କୃତି ସମାଜର ଆଇନା ସଦୃଶ

**ପୁରୀ ଅଫିସ,୧୭।୨:** ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ବୁଧବାର କଲଚରାଲ ଏକାଡେମୀ ତରଫରୁ ଶ୍ରୀକ୍ଷେତ୍ର ସୁପର ଡ୍ୟାନ୍ସର ଓ ସିଜିନ୍-୩ ଗୃହିଣୀ ନଂ-୧ର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଏମ୍‌ପି ପିନାକୀ ମିଶ୍ର ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରିବା ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସାରା ଭାରତରେ କଳା ଓ ସଂସ୍କୃତିର ପ୍ରଚାର ପ୍ରସାର ଦିଗରେ ପୁରୀର ଏକ ସ୍ୱତନ୍ତ୍ର ପରିଚୟ ରହିଛି ବୋଲି ଏହି ଅବସରେ ଏମ୍‌ପି ମିଶ୍ର କହିଛନ୍ତି। କାର୍ଯ୍ୟକ୍ରମରେ ଉପଦେଷ୍ଟା ଅରୁଣିମା ନନ୍ଦ, ଉପସଭାପତି ଲଲାଟେନ୍ଦୁ ମିଶ୍ର, ରାକେଶ ପ୍ରଧାନ ଓ ଅଶୋକ ପଟ୍ଟଆରୀ ପ୍ରମୁଖ ଉପସ୍ଥିତ ଥିଲେ।

## 'କଥା କଥା କବିତା କବିତା' ସଂସ୍କରଣ ଲୋକାର୍ପିତ

**ପୁରୀ ଅଫିସ,୧୭।୨:** ସାହିତ୍ୟ ପତ୍ରିକା 'କଥା କଥା କବିତା କବିତା'ର ଦ୍ୱାବିଂଶ ବର୍ଷର ପ୍ରଥମ ସଂଖ୍ୟା ବୁଧବାର ରତ୍ନସିଂହାସନରେ ଚତୁର୍ଦ୍ଧା ବିଗ୍ରହଙ୍କୁ ଲାଗି କରାଯାଇଛି। ପରେ ସିଂହଦ୍ୱାରରେ ଏହି ପତ୍ରିକା ଲୋକାର୍ପିତ ହୋଇଛି। ପତ୍ରିକାର ସମ୍ପାଦକ ଅକ୍ଷୟ ବେହେରା ପତ୍ରିକା ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟରେ ପୂର୍ବତନ ସଚିବ ବାବାଜୀ ଚରଣ ଦାସ, ସର୍ବ ଭାରତୀୟ ହିନ୍ଦ୍ ସେବକ ସଂଘର ସଦସ୍ୟ ରମାକାନ୍ତ ଲେଙ୍କା ଓ ଅଭିନନ୍ଦିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ

କୋଣାର୍କ,୧୭।୨(ଡି.ଏନ୍.ଏ.)


କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କୋଣାର୍କ ଥାନା ଅଧୀନ କାକଟପୁର ବ୍ଲକ କୁରୁଜଙ୍ଗ ପଞ୍ଚାୟତର କୁଞ୍ଜି ଗ୍ରାମରେ ବ୍ଲକସ୍ତରୀୟ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ତଥା ବିଧାୟକ ତୁଷାରକାନ୍ତି ବେହେରା ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ ସମାରୋହର ଶୁଭାରମ୍ଭ କରିଥିଲେ। ଏହି ବିଦ୍ୟାଳୟ ସ୍ଥାପନ ହେବା ଦ୍ୱାରା କୋଣାର୍କ ଓ କାକଟପୁର ବ୍ଲକର ଶତାଧିକ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଇପାରିବେ ବୋଲି ମନ୍ତ୍ରୀ ବେହେରା ମତବ୍ୟକ୍ତ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟ ପାଇଁ ପ୍ରାୟ ୭କୋଟି ଟଙ୍କା ବ୍ୟୟବରାଦ କରାଯିବା ସହ ଏଜେନ୍ସି ଚୟନ କାର୍ଯ୍ୟ ଶେଷ ହୋଇଛି। ଯୁଦ୍ଧକାଳୀନ ଭିତ୍ତିରେ ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଦେବାଶିଷ ପାଢୀ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ, କାକଟପୁର ବ୍ଲକ ଅଧ୍ୟକ୍ଷା ମନୋରମା ସ୍ୱାଇଁ, ଜିଲା ପରିଷଦ ସଭ୍ୟା କାମିନୀ ବିଶ୍ୱାଳ, କୁରୁଜଙ୍ଗ ସରପଞ୍ଚ ନିଗମାନନ୍ଦ ପରିଡ଼ା ଓ ସୁକାନ୍ତି ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ କାକଟପୁର ଗ୍ରାମ୍ୟ ଉନ୍ନୟନ ଉପଖଣ୍ଡ ସହକାରୀ ଯନ୍ତ୍ରୀ ଚିନ୍ତାମଣି ସେଠୀ ଓ ବାଙ୍ଗୁରିଗାଁ ଗ୍ରାମ୍ୟ ଉନ୍ନୟନ ବିଭାଗ କନିଷ୍ଠ ଯନ୍ତ୍ରୀ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।


ପୁରୀ ତାଳବଣିଆ ପଡିଆଠାରେ ବୁଧବାର ପୁରୀ କଣ୍ଟ୍ରାକ୍ଟର ଆସୋସିଏଶନ ପକ୍ଷରୁ ଅନୁଷ୍ଠିତ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଚାମ୍ପିୟନ ସି ଗ୍ରୁପ୍ ଟିମ୍‌ର ସଦସ୍ୟମାନେ।

## ଅଙ୍ଗନୱାଡି କେନ୍ଦ୍ରରେ ଚାଲିଛି ପଞ୍ଚାୟତ କାର୍ଯ୍ୟ

ବଳଙ୍ଗା,୧୭।୨(ଡି.ଏନ୍.ଏ.)

ବଳଙ୍ଗା ଥାନା ଅଧୀନ ଗୋପୀନାଥପୁର ୨୦୧୭ରୁ ନୂତନ ପଞ୍ଚାୟତ ହୋଇଛି। ପଞ୍ଚାୟତ ହେବାର ୪ ବର୍ଷ ପରେ ବି ସ୍ଥାୟୀ ଗୃହ ନିର୍ମାଣ ହୋଇପାରିନାହିଁ। ସ୍ଥାନୀୟ ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ପଞ୍ଚାୟତ କାର୍ଯ୍ୟ ହେଉଛି। ଠିକ୍ ଭାବେ ସ୍ଥାନ ନିରୂପଣ ହୋଇପାରୁ ନ ଥିବାରୁ କାର୍ଯ୍ୟ ବିଳମ୍ବ ହେଉଥିବା ଗ୍ରାମବାସୀ କହିଛନ୍ତି। ଗୋପୀନାଥପୁର ରାଜସ୍ୱ ଗ୍ରାମରେ ପର୍ଯ୍ୟାପ୍ତ ସରକାରୀ ଜମି ରହିଛି। ସେଠାରେ ବିଦ୍ୟାଳୟ, ପାନୀୟ ଜଳ ପ୍ରକଳ୍ପ, ଉପସ୍ୱାସ୍ଥ୍ୟକେନ୍ଦ୍ର ପ୍ରଭୃତି ରହିଛି। ମାତ୍ର ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯାଉନାହିଁ। ଅସ୍ଥାୟୀ ଭାବେ ଏକ ଅଙ୍ଗନୱାଡ଼ି କେନ୍ଦ୍ରରେ ପଞ୍ଚାୟତ କାର୍ଯ୍ୟାଳୟ ଚାଲୁଥିବାରୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଗୃହ ନିର୍ମାଣ ପାଇଁ ବିଭାଗୀୟ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ନିର୍ଦ୍ଧାରିତ ସ୍ଥାନ ଉପରେ ନିର୍ମାଣ କାର୍ଯ୍ୟ ପାଇଁ ଆଇନଗତ ପ୍ରତିବନ୍ଧକ ଥିବା ତହସିଲଦାରଙ୍କ ଆଦେଶନାମାରୁ ଜଣାପଡିଛି। ଅନ୍ୟପଟେ ରାଜନୈତିକ ବାଦାନୁବାଦ ଯୋଗୁ ଗୃହ ନିର୍ମାଣ କାର୍ଯ୍ୟ ହୋଇପାରୁ ନ ଥିବା ସରପଞ୍ଚ ଜୟନ୍ତୀ ବେହେରା କହିଛନ୍ତି।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ସ୍ୱସ୍ତିକ


@ ରୋହିତ


@ ବାପୁ


@ ଗୁରୁସ୍ମିତା


@ ଶ୍ରୀକାନ୍ତ


@ ସତ୍ୟବ୍ରତ


@ କ୍ଷୀରୋଦ


@ ଜିତେନ୍ଦ୍ର